ଧରିତ୍ରୀ
DHARITRI
ରାୟଗଡ଼ା, ସୋମବାର, ଫେବୃୟାରୀ ୩ /୨୦୨୦



## ସଂକ୍ଷେପରେ

### ପାତ୍ରପୁଟ ପଞ୍ଚାୟତ କାର୍ଯ୍ୟାଳୟ ନୂତନ ଗୃହ ଉଦ୍‌ଘାଟିତ

ତେନ୍ତୁଳିଖୁଣ୍ଟି,୨।୨(ଡି.ଏନ.ଏ)- ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ପାତ୍ରପୁଟ ପଞ୍ଚାୟତର ନୂତନ କାର୍ଯ୍ୟାଳୟ ଗୃହକୁ ରବିବାର ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ଉଦଘାଟନ କରିଛନ୍ତି। ଏଥିରେ ସମ୍ମାନିତ ଅତିଥି ପଞ୍ଚାୟତ ସମିତି ଅଧକ୍ଷା ଦେବକୀ ନାୟକ, ପୂର୍ବତନ ସରପଞ୍ଚ ଦୀଲିପ ପ୍ରଧାନୀ, ସରପଞ୍ଚ ସୁଷମା ପ୍ରଧାନୀ, ପଞ୍ଚାୟତ ନିର୍ବାହୀ



ଅଧିକାରୀ ଅକ୍ଷୟ କୁମାର ପଟ୍ଟନାୟକ ଉପସ୍ଥିତ ଥିଲେ। ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ କରାଯାଇଛି। ଦୀର୍ଘ ଦିନ ଧରି ପାତ୍ରପୁଟ ପଞ୍ଚାୟତ ପୁରଣା ଟିଣ ଘରେ ଚାଲି ଆସିଥିଲା। ଭିତ୍ତିଭୂମି ଠିକ ନ ଥିବାରୁ ପଞ୍ଚାୟତ ବୈଠକ ବ୍ୟତିତ ଉଚ୍ଚ ଅଧିକାରୀ ସ୍ତରୀୟ ସମୀକ୍ଷା ବୈଠକ ପାଇଁ ସମସ୍ୟା ହେଉଥିଲା।

### ଅପମୃତ୍ୟୁ ହେଲା ହତ୍ୟା ମାମଲା

**ଖେତରୁ ଯୁବକଙ୍କ ଗଳିତ ମୃତଦେହ ଜବତ ଘଟଣା**

ବ୍ରହ୍ମପୁର ଅଫିସ,୨।୨- ଗୋସାଣୀନୂଆଗାଁ ଥାନାରେ ରୁଜୁ ହୋଇଥିବା ଏକ ଅପମୃତ୍ୟୁ ମାମଲା ଏବେ ହତ୍ୟା ମାମଲାରେ ରୂପାନ୍ତରିତ ହୋଇଛି। ପୋଲିସ ନଂ.୧/୨୦ରେ ମାମଲା ରୁଜୁକରି ଘଟଣାର ଅନୁସନ୍ଧାନ ଚଳାଇଛି। ହେଲେ ଇତିମଧ୍ୟରେ ୨ ମାସ ବିତିଗଲାଣି। ଗୋଟିଏ ପଟେ ମୃତ ଯୁବକଙ୍କ ପରିଚୟ ମିଳି ନ ଥିବା ବେଳେ ପୋଲିସକୁ ଏବେ ସୁଦ୍ଧା କୌଣସି ସୁରାକ ମିଳିପାରିନାହିଁ। ଘଟଣାର ମାସକ ପରେ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟରେ ଏହା ଏକ ହତ୍ୟା ମାମଲା ବୋଲି ଦର୍ଶାଯାଇଥିଲା। ତାହାକୁ ଆଧାର କରି ପୋଲିସ ହତ୍ୟାକାରୀଙ୍କୁ ଧରିବା ପାଇଁ ଯୋଜନା ପ୍ରସ୍ତୁତି କରିଛି। ଘଟଣା ଦିନ ପୋଲିସର ହସ୍ତଗତ ହୋଇଥିବା କେତେକ ତଥ୍ୟକୁ ଆଧାର କରି ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଉଥିବା ଜଣାପଡ଼ିଛି। ମୃତ ଯୁବକ ଜଣଙ୍କ କେଉଁଠୁ ଆସିଥିଲେ ଏବଂ ତାଙ୍କୁ କିଏ ଓ କାହିଁକି ହତ୍ୟା କଲା ସେ ନେଇ ପୋଲିସ ଏବେ ତନାଘନା ଚଳାଇଛି। ଘଟଣାରୁ ପ୍ରକାଶ ଗଞ୍ଜାମ ଜିଲା ବ୍ରହ୍ମପୁର ଖଜୁରିଆ ଜାତୀୟ ରାଜପଥ କଡରେ ଥିବା ଏକ ବୁଦାମୂଳରୁ ଗୋସାଣୀନୂଆଗାଁ ପୋଲିସ ଗତ ଡିସେମ୍ବର ୪ ତାରିଖରେ ଜଣେ ଯୁବକଙ୍କ ଗଳିତ ମୃତଦେହ ଜବତ କରିଥିଲା। ଯୁବକଙ୍କ ପରିଚୟ ମିଳି ନ ଥିବା ବେଳେ ତାଙ୍କ ବୟସ ଆନୁମାନିକ (୩୫) ହେବ ବୋଲି ପୋଲିସ କହିଥିଲା। ମୃତଦେହ ଜବତ କରି ନଂ.୧୮/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ମୃତଦେହ ପଞ୍ଚନାମା ବେଳେ ଯୁବକଙ୍କ ମୁଣ୍ଡ ଓ ଶରୀରର ବିଭିନ୍ନ ଜାଗାରେ କ୍ଷତ ଚିହ୍ନ ରହିଥିବା ପୋଲିସ ଦେଖିବାକୁ ପାଇଥିଲା। ଏଣୁ ଯୁବକଙ୍କୁ ହତ୍ୟା କରାଯାଇଥିବା ପୋଲିସ ପ୍ରାଥମିକ ଅନୁସନ୍ଧାନରୁ ସନ୍ଦେହ କରୁଥିଲା। ଯୁବକଙ୍କୁ ଅନ୍ୟ କେଉଁଠାରେ ହତ୍ୟା କରିବା ପରେ ଦୁର୍ବୃତ୍ତମାନେ ଜାତୀୟ ରାଜପଥ ଖଜୁରିଆ ବାଇପାସ୍ ନିକଟ ବିଲରେ ଫୋପାଡି ଦେଇଥିଲେ ବୋଲି ପୋଲିସ ସେହି ସମୟରେ ସନ୍ଦେହ କରିଥିଲା।

### ଅମଲା ସଂଘର କାର୍ଯ୍ୟକାରୀ ବୈଠକ

**ବ୍ରହ୍ମପୁର ଅଫିସ୍,୨।୨:** ବ୍ରହ୍ମପୁରସ୍ଥିତ ଏନ୍‌ଜିଓ ହଲ୍‌ରେ ଓଡିଶା ଅମଲା ସଂଘ ଗଞ୍ଜାମ ଜିଲା ଶାଖା ତରଫରୁ ପରିବର୍ଦ୍ଧିତ କାର୍ଯ୍ୟକାରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସଂଘ ସଭାପତି ସୁଦାମ କୁମାର ପାଣିଗ୍ରାହୀ ଅଧକ୍ଷତା କରିଥିଲେ । ସମ୍ପାଦକ ବିଶ୍ୱଜିତ ସାହୁ ସଭାର ଉଦ୍ଦେଶ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ । ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ତ୍ରିପାଠୀ ଯୋଗଦେଇ ସଂଘ ଆସନ୍ତା ଦିନରେ ଭୁବନେଶ୍ୱରରେ ହେବାକୁ ଯାଉଥିବା ୧୫ ତମ ସମ୍ମିଳନୀ ଏବଂ ପ୍ଲାଟିନମ୍ ଜୁବିଲିରେ ଯୋଗଦାନ କରିବାକୁ ସଂଘ କର୍ମକର୍ତ୍ତାମାନଙ୍କୁ ନିବେଦନ କରିଥିଲେ। ସଂଘ କାର୍ଯ୍ୟକାରୀ ସଭାପତି କିରଣ କୁମାର ପାଢ଼ୀ ଦାବି ସମ୍ପର୍କରେ ଜଣାଇଥିଲେ । ପୂର୍ବ ସଭାରେ ଗୃହୀତ ହୋଇଥିବା ବିଭିନ୍ନ ଦାବି ରାଜ୍ୟ ସରକାର ପୂରଣ କରିଥିଲେ ସୁଦ୍ଧା ଏବେ ମଧ୍ୟ ଆର୍ଥିକ ଦାବି ପୂରଣ କରିନାହାନ୍ତି । ଏହାକୁ ତୁରନ୍ତ ପୂରଣ କରିବାକୁ ସଂଘ ପକ୍ଷରୁ ଦାବି କରିଥିଲେ।

# ଉଚ୍ଛେଦ ବେଳେ ପ୍ରଶାସନ- ଲୋକେ ମୁହାଁମୁହିଁ



ଉଚ୍ଛେଦ ବେଳେ ଉପଜିଲାପାଳଙ୍କୁ ଲୋକମାନେ ଘେରାଉ କରିଛନ୍ତି।



ଉଚ୍ଛେଦ କରାଯାଉଛି।

ଝରିଗାଁ,୨।୨(ସ୍ୱ.ପ୍ର)

■ରାସ୍ତା ପ୍ରସସ୍ତୀକରଣ ପାଇଁ ଉଚ୍ଛେଦ ଅଭିଯାନ
■୨ବର୍ଷ ତଳେ ଦିଆଯାଇଥିଲା ବ୍ୟକ୍ତିଗତ ନୋଟିସ୍

ନବରଙ୍ଗପୁର ଜିଲା ଝରିଗାଁ ସଦର ମହକୁମାରେ ରହିଥିବା ମୁଖ୍ୟରାସ୍ତାର ପ୍ରସସ୍ତୀକରଣ ପାଇଁ ରବିବାର ଉଚ୍ଛେଦ ଅଭିଯାନ ଚାଲିଥିବା ବେଳେ ଉତ୍ତେଜନା ଦେଖା ଦେଇଥିଲା। ଏହାକୁ ବିରୋଧ କରି ପ୍ରଶାସନ ଓ ଲୋକେ ମୁହାଁମୁହିଁ ହୋଇଥିଲେ। ପରବର୍ତ୍ତୀ ସମୟରେ ଅଧିକ ସଂଖ୍ୟକ ପୋଲିସ ଫୋର୍ସ ଅଣାଯାଇ ଉଚ୍ଛେଦ କରାଯାଇଥିଲା। ୨୦୧୮ ମସିହାରେ ରାସ୍ତା ପ୍ରସସ୍ତୀକରଣ ନେଇ ତହସିଲ ତରଫରୁ ବ୍ୟକ୍ତିଗତ ଭାବେ ନୋଟିସ୍ ଜାରି କରାଯାଇଥିଲା। ଚଳିତ ବର୍ଷ ଜାନୁୟାରୀ ୮ ତାରିଖରେ ରାସ୍ତା କଡରେ ରହିଥିବା ଜବରଦଖଲକାରୀଙ୍କ ଦୋକାନ ଗୃହ, ଘର, ସରକାରୀ କାର୍ଯ୍ୟାନୁଷ୍ଠାନର ପାଚେରୀ ଭାଙ୍ଗିବା ନେଇ ସର୍ବସାଧାରଣରେ ନୋଟିସ୍ କରାଯାଇଥିଲା । କିନ୍ତୁ ସେହିଦିନ ଦେଶବ୍ୟାପୀ ଧର୍ମଘଟ ରହିଥିବା ଯୋଗୁଁ ଉଚ୍ଛେଦ ବନ୍ଦ ରହିଥିଲା। ରବିବାର ଉଚ୍ଛେଦ ଅଭିଯାନ ଆରମ୍ଭ କରିଥିଲା। ରାସ୍ତା ପ୍ରସତୀକରଣ ପାଇଁ ଦୁଇ ପାର୍ଶ୍ୱରେ ରହିଥିବା ଦୋକାନ, ବଜାର ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଉପଜିଲାପାଳ ଭାସ୍କର ରଇତଙ୍କ ଉପସ୍ଥିତିରେ ସକାଳ ପ୍ରାୟ ୮ଟାରୁ ସ୍ଥାନୀୟ ସାଉଥ୍‌କୋ କାର୍ଯ୍ୟାଳୟ ନିକଟରୁ ଉଚ୍ଛେଦ ଆରମ୍ଭ ହୋଇଥିଲା। ବ୍ୟକ୍ତିଗତ ଭାବେ କୌଣସି ନୋଟିସ୍ ମିଳିନାହିଁ ଏଣୁ ଆମକୁ ଆଉ କିଛି ସମୟ ଦିଆଯାଉ ବୋଲି ଗ୍ରାମବାସୀ କହିଥିଲେ। କିନ୍ତୁ ପ୍ରଶାସନ କିଛି ଶୁଣି ନ ଥିଲା। ଏହାପରେ ଲୋକମାନେ ପାଟିତୁଣ୍ଡ କରିବା ସହ ଉତ୍ତେଜନା ଦେଖା ଦେଇଥିଲା। ରାସ୍ତା ପ୍ରସସ୍ତୀକରଣ ନହେଉଣୁ କିପରି ଡ୍ରେନ୍ କାମ ଶେଷ ହୋଇଛି ସେଥିନେଇ ଗ୍ରାମବାସୀ ପ୍ରତିବାଦ କରିଥିଲେ। ଉପଜିଲାପାଳ ଓ ଜନତା ମୁହାଁମୁହିଁ ହୋଇଥିଲେ। ପ୍ରାୟ ୧ଘଣ୍ଟା ଧରି ଉଚ୍ଛେଦ କାମ ବନ୍ଦ ରହିଥିଲା। ପରେ ଅଧିକ ସଂଖ୍ୟକ ପୋଲିସ ଫୋର୍ସ ଅଣାଯାଇ ପ୍ରତିବାଦ କରୁଥିବା ଲୋକଙ୍କୁ ଘଟଣାସ୍ଥଳରୁ ଦୂରେଇ ଦିଆଯାଇଥିଲା। ରାସ୍ତା କଡରେ ରହିଥିବା ହୋଟେଲ୍, ଦୋକାନ ବଜାର, ମେଡିକାଲ ପାଚେରୀ, ଚାହା ଦେକାନ, ପୋଲିସ ସହାୟତା କେନ୍ଦ୍ର, ବନ ବିଭାଗର ପାଚେରୀ, ତଥା ସରକାରୀ ସ୍ଥାନରେ ରହିଥିବା ଘର ଭାଙ୍ଗି ଦିଆଯାଇଥିଲା। ରାସ୍ତାର ପ୍ରସସ୍ତୀକରଣ ନେଇ ଆବଶ୍ୟକ ରହିଥିବା ଜାଗା ଅଧିଗ୍ରହଣ କରାଯାଇଥିଲା। ଅତିରିକ୍ତ ତହସିଲଦାର ଚିନ୍ମୟ ସାଗର, ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ରହିଥିବା ଚନ୍ଦାହାଣ୍ଡି ଅତିରିକ୍ତ ତହସିଲଦାର ଦେବବ୍ରତ କରାତି, ଥାନା ଅଧିକାରୀ ନରେଶ କୁମାର ପ୍ରଧାନ, ଏସଆଇ ସନ୍ତୋଷ କୁମାର ମାଝୀ, ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ ସନ୍ତୋଷ କୁମାର ପାତ୍ର, କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ସାହୁଙ୍କ ସହ ସ୍ଥାନୀୟ ରାଜସ୍ୱ ବିଭାଗୀୟ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଗୀତାଜ୍ଞାନ ପ୍ରତିଯୋଗିତା

ନବରଙ୍ଗପୁର,୨।୨(ବି.ପ୍ର.)

ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ଗୀତା ଜ୍ଞାନ ପ୍ରସାର ସମିତି ପକ୍ଷରୁ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ଗୀତାଜ୍ଞାନ ପ୍ରତିଯୋଗୀତା ଆୟୋଜିତ ହୋଇଯାଇଛି। ଏଥିରେ ନବରଙ୍ଗପୁର ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନର ୧୯୩ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବରିଷ୍ଠ ନାଗରିକ ନରସିଂହ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ, ଆରବିଆଇର ଏଫଏଲସି ଯଜ୍ଞେଶ୍ୱର ପ୍ରଧାନ ଯୋଗ ଦେଇଥିଲେ । ଆବାହକ ପ୍ରେମଚାନ୍ଦ ପଟ୍ଟନାୟକ, ସଦସ୍ୟ ବିନୟ କର, ବିଭୁ ବ୍ରହ୍ମା, ରବିଶଙ୍କର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ । ଭାରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ କୁମାର ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପରିଶେଷରେ ବ୍ରହ୍ମା ଓ ପ୍ରଦୀପ ହୋତା ଶିଶୁ ମାନଙ୍କୁ ଗୀତା ଜ୍ଞାନର ଉପାଦେୟତା ଉପରେ ବିଭିନ୍ନ ଟିପ୍ପଣୀ ପ୍ରଦାନ କରିଥିଲେ । ଆସନ୍ତା ବର୍ଷ ହେବାକୁ ଥିବା ଗୀତା ଆବୃତି ପ୍ରତିଯୋଗୀତା ଓ ଗୀତା ଜ୍ଞାନ ପରୀକ୍ଷା ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ । ବର୍ତ୍ତମାନ ସମାଜରେ ଏକ ସୁସ୍ଥ ସୁନ୍ଦର ସୁଦକ୍ଷ ନାଗରିକ ନିର୍ମାଣ ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି ବୋଲି ଅତିଥିମାନେ ମତ ବ୍ୟକ୍ତ କରିଥିଲେ । ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମସ୍ତ ଗୁରୁଜୀ ଗୁରୁମା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।



ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରମାନେ।

# ଆନ୍ତଃରାଜ୍ୟ ଶହୀଦ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଉଦଘାଟନ ଅବସରରେ ବିଧାୟକ, ଅତିଥି ଓ ଖେଳାଳିମାନେ।

ପାପଡାହାଣ୍ଡି,୨।୨(ଡି.ଏନ.ଏ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ସ୍ଥିତ ଦଳେଇଗୁଡ଼ା ମିନି ଷ୍ଟାଡିୟମଠାରେ ରବିବାର ଆନ୍ତଃରାଜ୍ୟ ସହିଦ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ସମ୍ମାନିତ ଅତିଥି ଜିଲା ପରିଷଦ ଅଧକ୍ଷା ଭଗବତି ଭତରା, ବ୍ଲକ ଉପାଧ୍ୟକ୍ଷ ତ୍ରିନାଥ ପ୍ରଧାନ, ପୂର୍ବତନ ବ୍ଲକ ଅଧକ୍ଷ ଲିଙ୍ଗରାଜ ଭତରା, ଆରସିଏମଏସ ସଭାପତି ସୁଶାନ୍ତ ବେହେରା, ବିଧାୟକଙ୍କ ପତ୍ନୀ ଉର୍ମିଳା ନାୟକ ପ୍ରମୁଖ ଯୋଗଦେଇ ଉଦଘାଟନ କରିଥିଲେ । ଟୁର୍ନାମେଣ୍ଟରେ ମୋଟ ୧୬ ଟି ଦଳ ଭାଗ ନେଇଛନ୍ତି । ଆସନ୍ତା ୧୬ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ । ପ୍ରଥମ ଦିବସରେ କୁମୁଲି ଦଳ ଦିଲଦାର କାଲିମେଳା ଦଳକୁ ପରାସ୍ତ କରିଥିଲା । କୁମୁଲି ଦଳ ୨୦ ଓଭରରେ ଲିପୁନ ଧୂଆଁଧାର ବ୍ୟାଟିଂ କରି ୧୨୧ରନ କରିଥିଲେ । ଦିଲଦାର ଦଳ ୧୧୯ ରନ କରିଥିଲା । ଭେଙ୍କେଟେସ ଓ ରାଜେଶ ଅମ୍ପାୟାର ଦାୟିତ୍ୱ ତୁଲାଇ ଥିବା ବେଳେ ଭିକି ଓ ଅହମଦ ରାଜା କମନଷ୍ଟେରି କରିଥିଲେ । ଟୁର୍ନାମେଣ୍ଟକୁ ଲାଲ ମହମ୍ମଦ ଖାନ, ରମେଶ ସତନାମୀ, ମନମୋହନ ବିଶୋୟୀ, ଅଜିତ ଖାନ, ଅଶ୍ୱିନ ପଟନାୟକ, ଅମୃତ ସୁନା, ମହେନ୍ଦ୍ର ବିଶ୍ୱାଳ ପ୍ରମୁଖ ଆୟୋଜନ କରିଛନ୍ତି । ଖେଳ ଦେଖିବା ପାଇଁ ପ୍ରବଳ ଭିଡ଼ ଜମିଥିଲା।

### ଆକ୍ରମଣ, ବୋମାମାଡ଼ ଘଟଣା: ଅଭିଯୁକ୍ତ ଗିରଫ

ଆସିକା,୨।୨(ଡି.ଏନ୍.ଏ.):

ଆସିକା ଥାନା ଅନ୍ତର୍ଗତ କାଳଷଣ୍ଢପୁର ଗ୍ରାମରେ ୫ ବର୍ଷ ତଳେ ହୋଇଥିବା ଆକ୍ରମଣ ଓ ବୋମାମାଡ ଘଟଣାର ମୁଖ୍ୟ ଅଭିଯୁକ୍ତ ରବିବାର ଗିରଫ ହୋଇଛନ୍ତି। ସେ ହେଲେ ଧରାକୋଟ ଥାନା ବାହାଡାଗୁଡା ଗ୍ରାମର ମିଲୁ ବିଷୋୟୀ। ଆସିକା ଥାନା ମାମଲା ନଂ. ୪୮/୧୫ ପ୍ରକାରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ଧରାକୋଟର ଏକ ଡବଲ ମର୍ଡର ସହ ବହୁ ଆପରାଧିକ ମାମଲାରେ ମିଲୁ ଅଭିଯୁକ୍ତ ଥିବା ପୋଲିସ କହିଛି। ୨୦୧୫ ମାର୍ଚ୍ଚ ୧୨ ତାରିଖରେ ମିଲୁ ତାଙ୍କ ୩ ସହଯୋଗୀଙ୍କ ସହ କାଳଷଣ୍ଢପୁର ମଦଭାଟିରେ ପଶି ଭଙ୍ଗାରୁଜା ଓ ବୋମାମାଡ କରିଥିଲେ। ଭାଟି ମାଲିକଙ୍କ ଘରେ ପଶି ସେମାନେ ପିସ୍ତଲ ଓ ବୋମା ଭୟ ଦେଖାଇ ମଦଭାଟି ମାଲିକଙ୍କ ସ୍ତ୍ରୀଙ୍କୁ ମାରିଦେବା ଧମକ ଦେଇଥିଲେ। ପରେ ୫୬ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ମଦ ଭାଟିରୁ ଲୁଟି ନେଇଥିବା ଆସିକା ଥାନାରେ କଳ୍ପନା ନାୟକ ଅଭିଯୋଗ କରିଥିଲେ । ପୋଲିସ ମାମଲା ରୁଜୁ କରିଥିଲା। ଅଭିଯୁକ୍ତମାନେ ଫେରାର ଥିଲେ । ମିଲୁ ତାଙ୍କ ପରିବାର ଲୋକଙ୍କୁ ମିଶିବା ପାଇଁ ବାହାଡାଗୁଡା ଆସିଥିବା ଖବରପାଇ ପୋଲିସ ଚଢାଉ କରି ତାଙ୍କୁ କାବୁ କରିଛି। ଅନ୍ୟ ୩ ଅଭିଯୁକ୍ତ ଏବେ ବି ପୋଲିସ କବଜାକୁ ଆସି ପାରିନାହାନ୍ତି।

# ଖିଲାପୁଟ ପାଣି ପଞ୍ଚାୟତ ସମ୍ମାନିତ



ଖିଲାପୁଟ ପାଣିପଞ୍ଚାୟତର ସମ୍ପାଦକ ଧନ ଅଡାରୀ ଓ ସହକାରୀ ଯନ୍ତ୍ରୀ ଯୁଗଳ କିଶୋର ଟାକ୍ରୀ ମାନପତ୍ର ଗ୍ରହଣ କରୁଛନ୍ତି।

ନବରଙ୍ଗପୁର/ଜୟପୁର, ୨।୨(ବି.ପ୍ର./ଡି.ଏନ.ଏ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକର ଖିଲାପୁଟ ୨ ନମ୍ବର ଉଠା ଜଳସେଚନ ପଏଣ୍ଟ ଉତ୍ତମ ପାଣି ପଞ୍ଚାୟତ ଭାବେ ରାଜ୍ୟ ସ୍ତରରେ ସମ୍ମାନିତ ହୋଇଛି । ୩୦ ତାରିଖରେ ଭୁବନେଶ୍ୱର ସ୍ଥିତ ଓୟୁଏଟି ସ୍ୱାମୀନାଥମ ହଲ ଠାରେ ରାଜ୍ୟ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ଆୟୋଜିତ ହୋଇଥିଲା। ଏହି ଅବସରରେ ଜଳସମ୍ପଦ ତଥା ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ରଘୁ ନନ୍ଦନ ଦାଶ ଉକ୍ତ ପାଣି ପଞ୍ଚାୟତକୁ ୫୦ ହଜାର ଟଙ୍କାର ଚେକ, ମାନପତ୍ର ଓ ଟ୍ରଫି ପ୍ରଦାନ କରିଛନ୍ତି । ଖିଲାପୁଟ ପାଣିପଞ୍ଚାୟତର ସମ୍ପାଦକ ଧନ ଅଡାରୀ ଓ ଜୟପୁର ଉଠା ଜଳସେଚନ ବିଭାଜନର ସହକାରୀ ଯନ୍ତ୍ରୀ ଯୁଗଳ କିଶୋର ଟାକ୍ରୀ ମାନପତ୍ର, ଟ୍ରଫି ଓ ୫୦ ହଜାର ଟଙ୍କାର ଚେକ ଗ୍ରହଣ କରିଥିଲେ । ଏହି ଅବସରରେ କୋରାପୁଟ ଉଠା ଜଳସେଚନ ବିଭାଜନର ନିର୍ବାହୀ ଯନ୍ତ୍ରୀ ରମେଶ ଚନ୍ଦ୍ର ପାତ୍ରଙ୍କୁ ଉତ୍ତମ ଅଧିକାରୀ ଭାବେ ମନ୍ତ୍ରୀ ଦାଶ ସମ୍ମାନିତ କରିଥିଲେ ।

# ମିଳିମିଳା ଆକ୍ରାନ୍ତଙ୍କ ନିକଟରେ ପହଞ୍ଚିଲେ ଡାକ୍ତରୀ ଟିମ୍

ପାପଡାହାଣ୍ଡି/ମଇଦଲପୁର, ୨।୨(ଡି.ଏନ.ଏ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଗାଦବା କତରା ପଞ୍ଚାୟତ ସଦରମହକୁମାରେ ଗତ ୨ ମାସ ହେଲା ମିଳିମିଳା ବ୍ୟାପୁଛି। ଏହା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ରବିବାର ଗାଁ ରେ ଡାକ୍ତରିଦଳ ପହଞ୍ଚି ଥିଲେ । ଡାକ୍ତର ସୁଶ୍ରୀତା ସେଠି, ଡାକ୍ତର ମଧୁସ୍ମିତା ଆକ୍ରାନ୍ତମାନଙ୍କ ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରିଥିଲେ । ଲୋକେ ଔଷଧ ଖାଇଲେ ଅଧିକା ହେବ ଭାବି ନ ଖାଉଥିବାରୁ ସମସ୍ତଙ୍କୁ ଔଷଧ ଖୁଆଇ ଥିଲେ। ଲୋକଙ୍କୁ ଭୟଭିତ ନ ହେବା ପାଇଁ ପରାମର୍ଶ ଦେଇଥିଲେ । ଏଥିସହ ଲୋକଙ୍କୁ ସଚେତନ କରାଇଥିଲେ । ବର୍ତ୍ତମାନ ସ୍ଥିତି ନିୟନ୍ତ୍ରଣାଧୀନ ଥିବା ଡାକ୍ତରୀ ଦଳ କହିଛନ୍ତି । ଡାକ୍ତରି ଦଳ ସହ ସ୍ଥାନୀୟ ଆଶା, ସ୍ୱାସ୍ଥ୍ୟକର୍ମୀ ମାନେ ଉପସ୍ଥିତ ଥିଲେ । ପ୍ରକାଶ ଥାଉ କି ୨ ମାସ ତଳେ ଗାଦବା କତରା ଗ୍ରାମରେ ମିଳି ମିଳା ଆରମ୍ଭ ହୋଇଥିଲା । ଲୋକେ ଧ୍ୟାନ ନ ଦେବା ଯୋଗୁଁ ତାହା ଆସ୍ତେ ଆସ୍ତେ ବ୍ୟାପିବାରେ ଲାଗିଛି।



ଡାକ୍ତରୀ ଦଳ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି।

# ତ୍ରିଧାରା ସାହିତ୍ୟ ସଂସଦର ମାସିକ ଆସର

ବ୍ରହ୍ମପୁର ଅଫିସ୍,୨।୨

ସ୍ଥାନୀୟ ଗଞ୍ଜାମ କଳା ପରିଷଦରେ ରବିବାର ବ୍ରହ୍ମପୁର ତ୍ରିଧାରା ସାହିତ୍ୟ ସଂସଦ ପକ୍ଷରୁ ମାସିକ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରରେ ପ୍ରଫୁଲ୍ଲ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ। ଡ.ଅଶୋକ କୁମାର ପଣ୍ଡା ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହା ସହିତ ଜ୍ୟୋସ୍ନାରାଣୀ ସ୍ୱାଇଁ ସଙ୍ଗୀତ ପରିବେଶଣ କରିଥିଲେ। ଏଥିରେ ଉପେନ୍ଦ୍ର ଭଞ୍ଜଙ୍କ ସମ୍ପର୍କରେ ପ୍ରବନ୍ଧ ପାଠ କରାଯାଇଥିଲା।

# ପେଟ୍ରୋଲିୟମ ସଂରକ୍ଷଣ ପାଇଁ ସଚେତନତା ଶୋଭାଯାତ୍ରା

ନବରଙ୍ଗପୁର,୨।୨(ବି.ପ୍ର.)



ପୂର୍ବତନ ଏମପି ବଳଭଦ୍ର ମାଝି ସବୁଜ ପତାକା ଦେଖାଇ ସଚେତନତା ଶୋଭଯାତ୍ରାର ଶୁଭାରମ୍ଭ କରୁଛନ୍ତି।

**ସକ୍ଷମ ୨୦୨୦ ୱାକାଥନ କାର୍ଯ୍ୟକ୍ରମ**

ନବରଙ୍ଗପୁର ଜିଲା ସକ୍ଷମ ୨୦୨୦ ୱାକାଥନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି । ପେଟ୍ରୋଲିୟମର ଅପବ୍ୟବହାର ନକରି ସଂରକ୍ଷଣ ସହ କିଭଳି ତାହାର ସଦୁପଯୋଗ କରିବା ନେଇ ଏକ ସଭା ସ୍ଥାନୀୟ ରାମମନ୍ଦିର ଠାରେ ଅନୁଷ୍ଠିତ ହୋଇଥିଲା । ପରେ ଏକ ସଚେତନତା ଶୋଭାଯାତ୍ରା ବାହାରି ଗାନ୍ଧିଛକ ରେ ପହଞ୍ଚିଥିଲା। ମୁଖ୍ୟ ଅତିଥି ଭାବେ ପୂର୍ବତନ ଏମପି ବଳଭଦ୍ର ମାଝୀ ଯୋଗଦେଇ ସବୁଜ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ । ଘରୋଇ ରନ୍ଧନ ଗ୍ୟାସ ସଂରକ୍ଷଣ ପାଇଁ ପ୍ରେସର କୁକର ବ୍ୟବହାର କରିବା ସହ ବର୍ଣ୍ଣର ସଫା ରଖିବା। ଆବଶ୍ୟକ ଅନୁଯାୟୀ ଫ୍ଲେମକୁ ବ୍ୟବହାର କରାଯିବାକୁ ପରାମର୍ଶ ଦେଇଥିଲେ । ପରିବହନ, ଶିଳ୍ପ ଓ କୃଷି ଏବଂ ଘରୋଇ କ୍ଷେତ୍ରରେ ବ୍ୟବହୃତ ପେଟ୍ରୋଲିୟମ ସଂରକ୍ଷଣ ନେଇ ଲୋକଙ୍କୁ ସଜାଗ ରହିବାକୁ ପରାମର୍ଶ ଦେଇଥିଲେ। ସରକାରଙ୍କ ଦ୍ୱାରା ଇନ୍ଧନର ଦକ୍ଷତା ବୃଦ୍ଧି ଓ ପରିବହନ କ୍ଷେତ୍ରରେ ମଧ୍ୟ ବିଭିନ୍ନ ତାଲିମ ଦିଆଯାଉଛି । ଏହା ଆଗାମୀ ପିଢୀଙ୍କ ପାଇଁ କିଭଳି ସହାୟକ ହେବ ସେ ସମ୍ପର୍କରେ କହିଥିଲେ । ପେଟ୍ରୋଲିୟମର ଅପବ୍ୟବହାର ଦ୍ୱାରା ଆସନ୍ତା ଦିନରେ ତାହାର ଅଭାବ ଦେଖା ଦେବ । ସୁରକ୍ଷିତ ଭବିଷ୍ୟତ ପାଇଁ ଏବେଠାରୁ ହିଁ ଇନ୍ଧନ ସଂରକ୍ଷଣ କରିବା ଆବଶ୍ୟକ । ସେହିଭଳି ଚୁଲାରେ ବସାଇଥିବା ରୋଷେଇ ପାତ୍ରର ଉପରକୁ କିଭଳି ନିଆଁ ଆସିବ ନାହିଁ ଓ ପାତ୍ରର ପରିଧି ମଧ୍ୟରେ ନିଆଁ ରହିଲେ ଗ୍ୟାସ କମ ଖର୍ଚ୍ଚ ହେବ ବୋଲି ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଆଇଓସିଏଲର ଜିଲା ନୋଡାଲ ଅଧିକାରୀ ଶିବ ବେହେରା, ଭାଜପା ଯୁବ ନେତା ଗୌରୀ ଶଙ୍କର ମାଝୀ, ମନୋଜ ମହାଲ୍ଲୁଡ, ଏମ.ଡି ଇଲିୟାସ, ଅଶୋକ ମିଶ୍ର ସମେତ ବହୁ ଯୁବତୀ ଯୁବକ ପ୍ଲାକାର୍ଡ ମାଧ୍ୟମରେ ସଚେତନତା ବାର୍ତ୍ତା ଦେଇଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ଭଣ୍ଡାରଘରଣୀ ଗ୍ୟାସ ଏଜେନ୍ସିର ପ୍ରୋପାଇଟର ସୁକାନ୍ତ ଶତପଥି କରିଚାଳନା କରିଥିଲେ । ତପନ ରଥ, ଅମୂଲ୍ୟ ସାହୁ, ଅଖିଳ ଭତରା, ମୋହନ ରାଓ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।


ଅଶୋକ ଗ୍ରୁପ The Ashok Group
**ହୋଟେଲ କଳିଙ୍ଗ ଅଶୋକ (ଆଇଟିଡିସି)**
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ଭୁବନେଶ୍ୱର - ୭୫୧୦୧୪
ସନ୍ଦର୍ଭ: ଏଚ୍‌କେଏ/ଏମ୍‌ଏମ୍ ଆଣ୍ଡ ଡି/ଇ-ଟେଣ୍ଡର/୨୦୨୦-୨୧ ତାରିଖ: ୦୩।୦୨।୨୦୨୦

**ଇ-ସଂଗ୍ରହ ବିଜ୍ଞପ୍ତି**

ଏକବର୍ଷ ଅବଧି ପାଇଁ ନିମ୍ନଲିଖିତ ସାମଗ୍ରୀଗୁଡ଼ିକର ଯୋଗାଣ ବାବଦରେ ଖ୍ୟାତନାମା ଏବଂ ଅଭିଜ୍ଞ ଏଜେନ୍ସି/ଠିକାଦାରମାନଙ୍କଠାରୁ ଅନ୍‌ଲାଇନ୍ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ବିଡିଂର ଶେଷ ତାରିଖ ହେଉଛି ତା୨୪।୦୨।୨୦୨୦ରିଖ (୧୫.୦୦ ଘଟିକା)। ବିଡର୍‌ମାନଙ୍କ ପ୍ରାକ୍-ବିଡ୍ ବୈଠକ ତାରିଖ: ୦୭।୦୨।୨୦୨୦ରିଖ (୧୪.୦୦ରୁ ୧୬.୦୦ ଘଟିକା), ସ୍ଥାନ: ହୋଟେଲ କଳିଙ୍ଗ ଅଶୋକ, ଭୁବନେଶ୍ୱର ।

**୧. ଖାସି ମାଂସ, ୨. କୁକୁଡ଼ା ମାଂସ ଓ କୁକୁଡ଼ା ଅଣ୍ଡା, ୩. ମାଛ ଓ ଚିଙ୍ଗୁଡ଼ି, ୪. ପନିପରିବା ଓ ଫଳମୂଳ, ୫. ବିବିଧ ସାମଗ୍ରୀ, ୬. ଉଦ୍ୟାନକୃଷି ଓ ଉଦ୍ୟାନ ରକ୍ଷଣାବେକ୍ଷଣ ।**

ଅନ୍ୟାନ୍ୟ ବିବରଣୀ ବିଡିଂ କାଗଜପତ୍ରରେ ଦେଖାଯାଇପାରିବ, ଯାହା ୱେବ୍‌ସାଇଟ୍ www.hotelkalingaashok.com, www.theashokgroup.com, http://etenders.gov.in/eprocure/appରେ ଉପଲବ୍ଧ।

ଏତଦ୍ ପରବର୍ତ୍ତୀ ଯୋଗପତ୍ର କିମ୍ବା ଶୁଦ୍ଧିପତ୍ର ଉପରୋକ୍ତ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ।

**ମହାପ୍ରବନ୍ଧକ, ହୋଟେଲ କଳିଙ୍ଗ ଅଶୋକ, ଭୁବନେଶ୍ୱର**
**ଦୂରଭାଷ: ୦୬୭୪-୨୪୩୧୦୫୫**



RITES THE INFRASTRUCTURE PEOPLE
**ରାଇଟ୍‌ସ ଲିମିଟେଡ୍**
(ଭାରତ ସରକାରଙ୍କ ଏକ ପ୍ରତିଷ୍ଠାନ)
ଭୁବନେଶ୍ୱର - ୭୫୧୦୨୪

**ଇ-ଟେଣ୍ଡର ଆମନ୍ତ୍ରଣକାରୀ ବିଜ୍ଞପ୍ତି**

ମେସର୍ସ ଏମ୍‌ସିଏଲ୍, ସମଲେଶ୍ୱରୀ ଓସିପି ଏରିଆ ତରଫରୁ ଗ୍ରୁପ୍ ମହାପ୍ରବନ୍ଧକ (ସିଭିଲ), ରାଇଟ୍‌ସ ଲି଼, ଭୁବନେଶ୍ୱରଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ପାଇଁ ଦୁଇ ପ୍ୟାକେଟ୍ ପ୍ରଣାଳୀରେ ଅନ୍‌ଲାଇନ୍ ଶତକଡ଼ା ଦର ଆମନ୍ତ୍ରଣ କରାଯାଉଛି:

୧. ଏନ୍‌ଆଇଟି ନଂ. ରାଇଟ୍‌ସ/ବିବିଏସ୍‌ଆର୍/ଏମ୍‌ସିଏଲ୍/ୱାଇ-କର୍ଭ ଶିଫ୍ଟିଂ/ଓଟି-୧୦/୨୦୨୦ ତାରିଖ ୦୩।୦୨।୨୦୨୦। କାର୍ଯ୍ୟର ନାମ: "ଏସ୍.ଇ.ସି. ରେଳପଥ, ବିଳାସପୁରର ବିପିଏଚ୍-ବିଆର୍‌ଜେଏନ୍ ସେକ୍ସନ ମଧ୍ୟରେ ହାଓଡା-ମୁମ୍ବାଇ ମେନ୍ ଲାଇନ୍ ଉପରେ ବ୍ରଜରାଜନଗର ଓ ଲାଜକୁରା ଷ୍ଟେସନରୁ ୱାଇ-କର୍ଭ ସାଇଡିଂ (ଝାରସୁଗୁଡ଼ା ନିକଟରେ) ଟେକିଂ ଅଫ୍‌ର ପ୍ରସ୍ତାବିତ ସ୍ଥାନାନ୍ତର ନିମନ୍ତେ ଫର୍ମେଶନରେ ମାଟି କାମ, ବଡ଼ ଓ ଛୋଟ ସେତୁ, ରିଟେନିଂ ୱାଲ୍, ଡ୍ରେନ୍ ନିର୍ମାଣ, ପିଏସ୍‌ସି ସ୍ଲିପର୍ସ, ଟର୍ନଆଉଟ୍ ସ୍ଲିପର୍ସ ଯୋଗାଣ, ବାଲାଷ୍ଟ ଯୋଗାଣ, ପି.ୱେ ଫିଟିଂ ଓ ଟ୍ରାକ୍ ଲିଙ୍କିଙ୍ଗ କାର୍ଯ୍ୟ, ବିଲ୍ଡିଂ ନିର୍ମାଣ ତଥା ତତ୍‌ସମ୍ପର୍କିତ କାର୍ଯ୍ୟ।" ଅଟକଳ ମୂଲ୍ୟ: ଟ.୧୨୬,୬୭,୭୬,୬୮୯.୦୦, ଇଏମ୍‌ଡି: ଟ.୨୫.୦୦ ଲକ୍ଷ, ସମାପ୍ତି ଅବଧି: ୧୨ (ବାର) ମାସ, ବିଡ୍ ଦାଖଲର ଶେଷ ତାରିଖ ଓ ସମୟ: ୨୫।୦୨।୨୦୨୦, ୧୫.୦୦ ଘଟିକା (ଆଇଏସ୍‌ଟି)।

୨. ଏନ୍‌ଆଇଟି ନଂ. ରାଇଟ୍‌ସ/ବିବିଏସ୍‌ଆର୍/ଏମ୍‌ସିଏଲ୍/ଓବିଡିୟୁଏମ୍‌ପି/ଓଟି-୧୧/୨୦୨୦ ତାରିଖ ୦୩।୦୨।୨୦୨୦। କାର୍ଯ୍ୟର ନାମ: "ଏମ୍‌ସିଏଲ୍‌ର ଲଖନପୁର ଏରିଆଠାରେ ନୂଆ ଅବସ୍ଥିତିରେ ୱାଇ-କର୍ଭର ସ୍ଥାନାନ୍ତର ଲାଗି ରେଲ୍‌ୱେ ଟ୍ରାକ୍ ଫର୍ମେଶନ କାର୍ଯ୍ୟ ନିମନ୍ତେ ଆବଶ୍ୟକ ସମଲେଶ୍ୱରୀ ଓସିପିଠାରେ ଓଭର୍-ବର୍ଡେନ୍‌ର କଟିଂ, ଫିଲିଂ ଓ ରି-ହ୍ୟାଣ୍ଡଲିଂ ।" ଅଟକଳ ମୂଲ୍ୟ: ଟ.୫୭,୬୨,୩୧,୧୬୫.୦୦, ଇଏମ୍‌ଡି: ଟ.୨୫.୦୦ ଲକ୍ଷ, ସମାପ୍ତି ଅବଧି: ୦୬ (ଛଅ) ମାସ, ବିଡ୍ ଦାଖଲର ଶେଷ ତାରିଖ ଓ ସମୟ: ୨୫।୦୨।୨୦୨୦, ୧୫.୦୦ ଘଟିକା (ଆଇଏସ୍‌ଟି)।

ବିଡ୍ ଫର୍ମ ଏବଂ ଅନ୍ୟାନ୍ୟ ବିବରଣୀ ୱେବ୍‌ସାଇଟ୍: https://etenders.gov.in/eprocure/appରୁ ହାସଲ କରାଯାଇପାରିବ। ଯୋଗପତ୍ର/ଶୁଦ୍ଧିପତ୍ର, ଯଦି ଥାଏ, କେବଳ ଅନ୍‌ଲାଇନ୍‌ରେ ସ୍ଥାନିତ ହେବ।



ମହୋତ୍ସବରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ।



ହାସ୍ୟ କଳାକାର ସୁନୀଲ୍ ପଲ୍ ।



ନୃତ୍ୟ ଶିଳ୍ପୀ କମ୍‌ଲେଶ ପଟେଲ।

■ବଂଶଧାରା ବସନ୍ତ ମହୋତ୍ସବର ୪ର୍ଥ ସନ୍ଧ୍ୟା

# ମନ ଜିଣିଲେ ସୁନୀଲ୍, କମ୍‌ଲେଶ୍

ଗୁଣପୁର,୨।୨(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ହଳଦିଆ ନାଳ ପଡ଼ିଆରେ ଜାକଜମକରେ ଚାଲିଛି ବଂଶଧାରା ବସନ୍ତ ମହୋତ୍ସବ। ରବିବାର ୪ର୍ଥ ଦିନରେ ମହୋତ୍ସବ ପଡ଼ିଆରେ କବିତା ଆସର ଅନୁଷ୍ଠିତ ହୋଇଥିଲା। ସେହିପରି ସନ୍ଧ୍ୟାରେ ସାଂସ୍କୃତିକ ମଣ୍ଡପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁମ୍ବାଇର ଲୋକପ୍ରିୟ ହାସ୍ୟ କଳାକାର ସୁନୀଲ୍ ପଲ୍‌ଙ୍କ କମେଡି ଲୋକଙ୍କୁ ପ୍ରବଳ ହସାଇଥିଲା। ପରେ ଅହମଦାବାଦର ଓସ୍କାର ଓ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଦିବ୍ୟାଙ୍ଗ କଳାକାର କମ୍‌ଲେଶ୍ ପଟେଲ୍‌ଙ୍କ 'ଡ୍ୟାନ୍ସ ଇଣ୍ଡିଆ ଡ୍ୟାନ୍ସ' କାର୍ଯ୍ୟକ୍ରମ ପ୍ରମୁଖ ଆକର୍ଷଣ ହୋଇଥିଲା। ସେହିପରି ଖୋର୍ଦ୍ଧା କଳାକାରଙ୍କ ଦ୍ୱାରା ପାଇକ ଆଖଡା ନୃତ୍ୟ ଓ ସ୍ଥାନୀୟ କଳାକାରଙ୍କ ରଙ୍ଗାରଙ୍ଗ ନୃତ୍ୟ ଓ ସଙ୍ଗୀତ ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧର୍ମରେ ପୃଥ୍ୱୀ ଆତଯାତ**
**ଧର୍ମରେ ସିନ୍ଧୁରେ ଚାଲେ ବୋଇତ**
**ଧର୍ମରେ ସମୁଦ୍ର ନ ଲଙ୍ଘେ କୂଳ**
**ଧର୍ମରେ ଇନ୍ଦ୍ର ବରଷନ୍ତି ଜଳ**
**ଧର୍ମରୁ ରାମଚନ୍ଦ୍ର ଲଙ୍କା କଲେ ଜୟ**
**ଅଧର୍ମରୁ ରାବଣ ବଂଶ ହେଲା କ୍ଷୟ ।**

ଧର୍ମରେ ପୃଥିବୀ ଚିର ଚଞ୍ଚଳମନା। ଧର୍ମ ଏକମାତ୍ର ସ୍ଥାୟୀ। ଏହା ସତ୍ୟ ଉପରେ ଆଧାରିତ। ଯିଏ ଧର୍ମ ପଥରେ ଚାଲେ ତା'ର ବିଜୟ ସୁନିଶ୍ଚିତ। ଅଧର୍ମ ବାଟରେ ଗଲେ ପରାଜୟ, ବିନାଶ ହେବା ଥୟ। ସଂସାରରେ ଧର୍ମର ପ୍ରଭାବ ଯୋଗୁ ଅଧର୍ମର ବିଲୋପ ଘଟିଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଧର, ବାନ୍ଧ, ପକା**
**ଏ ତିନି କଥା ଏକା ।**

ପନ୍ଥା ଭିନ୍ନ, କିନ୍ତୁ ଉଦ୍ଦେଶ୍ୟ ଏକ। ବ୍ୟକ୍ତିକୁ ଧରିବା, ବାନ୍ଧିବା କିମ୍ବା ତଳେ ପକାଇ ମାଡ଼ିବସିବା ଏସବୁ ଏକ ପ୍ରକାରର କଥା ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

■ ଦକ୍ଷିଣ ଓଡ଼ିଶା ଶୌଣ୍ଡିକ ସମାଜ ଅଧିବେଶନ

# ସ୍ୱରଣିକା ତୁଳଙ୍କୁ ସମ୍ବର୍ଦ୍ଧନା



ଶୌଣ୍ଡିକ ସମାଜ ପକ୍ଷରୁ ସ୍ୱରଣିକାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ରାୟଗଡ଼ା ଅଫିସ,୨।୨

ଓଡ଼ିଶା ରାଜ୍ୟ ଶୌଣ୍ଡିକ ସମାଜ ପକ୍ଷରୁ ରାୟଗଡ଼ା ଜିଲା ଶାଖା ସହଯୋଗରେ ଦକ୍ଷିଣ ଓଡ଼ିଶା ଅଧିବେଶନ ରବିବାର ସ୍ଥାନୀୟ ଧୁମାଗୁଡ଼ାଠାରେ ଅନୁଷ୍ଠିତ ହୋଇଯାଇଛି। ରାୟଗଡ଼ା ଜିଲା ଶୌଣ୍ଡିକ ସମାଜର ସଂଯୋଜକ ଶିବରାମ ଚୌଧୁରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ରାଜ୍ୟ ସଭାପତି ପ୍ରଭାକର ସାହୁ, ସମ୍ମାନିତ ଅତିଥି ରୂପେ ମହିଳା ସଭାନେତ୍ରୀ ସବିତା ସାହୁକାର ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ସାହୁ ଏହି ଅବସରରେ ଶୌଣ୍ଡିକ ସମାଜରେ ଥିବା କୁସଂସ୍କାର ଓ କଳୁଷିତ ଚିନ୍ତାଧାରାକୁ ଦୂର କରି ବିଭିନ୍ନ ସମାଜ କଲ୍ୟାଣ ଓ ସଂସ୍କାରମୂଳକ କାର୍ଯ୍ୟକ୍ରମ ଜରିଆରେ ଶୌଣ୍ଡିକ ସମାଜକୁ ଏକ ଆଦର୍ଶ ସମାଜଭାବେ ଗଢ଼ି ତୋଳିବାକୁ ଆହ୍ୱାନ ଦେଇଥିଲେ। ଏଥିରେ ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ଗଞ୍ଜାମ, ଗଜପତି, କନ୍ଧମାଳ ଓ କଳାହାଣ୍ଡି ଜିଲାର ସଭାପତି ଓ ସଦସ୍ୟମାନେ ଯୋଗ ଦେଇଥିଲେ। ସମାଜରେ ଅବହେଳିତ, ନିଷ୍ପେଷିତଙ୍କ ପାଇଁ ଥଇଥାନ ବ୍ୟବସ୍ଥା ଓ ଯୌତୁକ, ବାଲ୍ୟ ବିବାହ ଆଦି କୁପ୍ରଥା ଦୂର କରିବା ପାଇଁ ମହିଳା ସଭାନେତ୍ରୀ ସଚେତନ କରାଇଥିଲେ। ସେହିପରି ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ସମାଜର ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ନିକଟରେ ଓଏଏସ୍ ପରୀକ୍ଷାରେ ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରେ ସ୍ଥାନ ପାଇଥିବା ରାୟଗଡ଼ାର ଝିଅ ସ୍ୱରଣିକା ତୁଳଙ୍କୁ ସମାଜ ପକ୍ଷରୁ ମାନପତ୍ର ଏବଂ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସମାଜର ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସଂକ୍ଷେପରେ

### କୁଇ ସମାଜ ପକ୍ଷରୁ ଉମାଶଙ୍କରଙ୍କୁ ସମ୍ବର୍ଦ୍ଧନା

ଟିକିରି, ୨।୨ (ଡି.ଏନ୍.ଏ.): ରାୟଗଡ଼ା ଜିଲା କାଶିପୁର ବ୍ଲକ୍ ଟିକିରି ପଞ୍ଚାୟତ ଅଧୀନ ସେମିଲିଗୁଡ଼ା ଗାଁର ଉମାଶଙ୍କର ମାଝି ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏଥିପାଇଁ କାଶିପୁର କୁଇ ସମାଜ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ନିକଟରେ ପ୍ରକାଶ ପାଇଥିବା ପରୀକ୍ଷା ଫଳରେ ଗ୍ରାମର ଶିବରାମ ମାଝିଙ୍କର ପୁଅ ଉମାଶଙ୍କରଙ୍କ ସଫଳତା ନେଇ ଗ୍ରାମରେ ଖୁସି ପ୍ରକାଶ ପାଇଛି। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ପୂର୍ବତନ ଏମ୍‌ପି ଝିନ୍ନ ହିକ୍କା, ସଭାପତି ଶିବ ମାଝି, ସମ୍ପାଦକ ଗୋବିନ୍ଦ ମାଝି, ସହ ସମ୍ପାଦକ ଗଜେନ୍ଦ୍ର ମାଝି, କୁମ୍ଭେଶ୍ୱର ମାଝି, ଈଶ୍ୱର ମାଝି, କଣ୍ଡ ମାଝି, ଦରଦି ମାଝି, ଅର୍ଜୁନ ମାଝି, କୈଳାଶ ମାଝିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ।

### ଦୋକାନକୁ ମାଡ଼ିଗଲା ଟ୍ରକ



ଗଞ୍ଜାମ,୨।୨(ଡି.ଏନ.ଏ.): ଗଞ୍ଜାମ ଦେଇ ଯାଇଥିବା ୧୬ନଂ. ଜାତୀୟ ରାଜପଥର ପୁଇଁତୋଳା ଗ୍ରାମ ନିକଟରେ ଏକ ଟ୍ରକ (ନଂ.ଏପି୩୦ଟିସି ୪୧୧୧) ଡିଭାଇଡର ଭାଙ୍ଗି ବନ୍ଦଥିବା ଏକ ଦୋକାନକୁ ମାଡିଯାଇଥିଲା। ଦୋକାନ ମାଲିକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଦୋକାନରେ ଥିବା କମ୍ପ୍ୟୁଟର, ଜେରକ୍ସ ମେଶିନ, ଇଲେକ୍ଟ୍ରି ସାମଗ୍ରୀ ଓ ଅନ୍ୟାନ୍ୟ ସାମଗ୍ରୀ ନଷ୍ଟ ହୋଇଯାଇଛି। ଖବରପାଇ ଗଞ୍ଜାମ ଥାନା ପୋଲିସ ପହଞ୍ଚି ଟ୍ରକକୁ ଜବତ କରିଛି।

### ଦୁଇ ବାଇକ୍ ମୁହାଁମୁହିଁ,୪ ଆହତ

ପାଟପୁର,୨।୨: ପାଟପୁର ଥାନା ପୋଡ଼ାମାରି ପେଟ୍ରୋଲପମ୍ପ ନିକଟରେ ରବିବାର ପୂର୍ବାହ୍ନରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ୪ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଦିଗପହଣ୍ଡିର ହରିହର ଆଚାର୍ଯ୍ୟ, ଲକ୍ଷ୍ମୀ ଆଚାର୍ଯ୍ୟ, ଆକାଶ ଆଚାର୍ଯ୍ୟ ଓ ସିଙ୍ଗିପୁର ଗ୍ରାମର ସନ୍ତୋଷ କୁମାର ପାତ୍ର। ହରିହର ନିଜ ବାଇକ୍‌ରେ ଦିଗପହଣ୍ଡିରୁ ମୋହନା ଅଭିମୁଖେ ଯାଉଥିବା ବେଳେ ବିପରିତ ଦିଗରୁ ଆସୁଥିବା ବାଇକ୍ ସହ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକ ଓ ସାନଖେମୁଣ୍ଡି ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପାଟପୁର ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରିଛି।

■ସେମିଲିଗୁଡ଼ାର ପ୍ରସିଦ୍ଧ ମା' ଯାତ୍ରା

# ପରିବାର ଓ ଗାଁର ଶୁଭ ମନାସିଲେ ଗ୍ରାମବାସୀ

ଟିକିରି, ୨।୨ (ଡି.ଏନ୍.ଏ.)

କାଶିପୁର ବ୍ଲକ୍ ଟିକିରି ପଞ୍ଚାୟତ ଅଧୀନ ସେମିଲିଗୁଡ଼ା ଗ୍ରାମରେ ଶନିବାର ମା' ଯାତ୍ରା ପାଳିତ ହୋଇଯାଇଛି। ୫ ବର୍ଷରେ ଥରେ ଏହି ଯାତ୍ରା ଅନୁଷ୍ଠିତ ହୋଇଥାଏ। ଗାଁର ମଙ୍ଗଳ ଉଦ୍ଦେଶ୍ୟରେ ଏହି ଯାତ୍ରା ଅନୁଷ୍ଠିତ ହୋଇଥାଏ। ପରିବାର ଓ ଗ୍ରାମର ଶୁଭ ମନାସି ଏହି ଯାତ୍ରାର ଆରମ୍ଭ ହୋଇଥାଏ। ଯାତ୍ରା ପାଇଁ ସାହିର ମଝିରେ ଛେଉଡା ତଳେ କଳସ ରଖି ଗ୍ରାମଦେବୀଙ୍କୁ ଆବାହନ ସହ ପୂଜାର୍ଚ୍ଚନା କରାଯାଇଥିଲା। ଏଥିସହ ସାରା ରାତି ନାଚ, ଗୀତର ଆସର ଜମିବା ଦେଖିବାକୁ ମିଳିଥିଲା। ଭିବିଶେନ୍ ନାୟକ ଯାତ୍ରା ପରିଚାଳନା କରିଥିବାବେଳେ ନରେନ୍ଦ୍ର ନାୟକ, ଆନନ୍ଦ ନାୟକ, ସୁକେଶ ନାୟକ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।



ଯାତ୍ରା ଅବସରରେ ମା'ଙ୍କ ପୂଜାର୍ଚ୍ଚନା କରାଯାଉଛି।

# ସୁରକ୍ଷିତ ଭବିଷ୍ୟତ ପାଇଁ ଇନ୍ଧନ ସଂରକ୍ଷଣ ଆହ୍ୱାନ

ରାୟଗଡ଼ା ଅଫିସ,୨।୨

## ସଂରକ୍ଷଣ କ୍ଷମତା ମହୋତ୍ସବ ଆରମ୍ଭ

ସ୍ଥାନୀୟ ଗୋବିନ୍ଦ ଚନ୍ଦ୍ର ଦେବ ହାଇସ୍କୁଲ ପଡ଼ିଆରେ ରବିବାର ସଂରକ୍ଷଣ କ୍ଷମତା ମହୋତ୍ସବ ଆରମ୍ଭ ହୋଇଛି। ରେଳ ବିଭାଗର କମର୍ସିଆଲ୍ ଡିଭିଜନ୍ ମୁଖ୍ୟ ସୁନୀଲ କୁମାର ଯୋଗଦେଇ ଏହାର ଶୁଭାରମ୍ଭ କରିଛନ୍ତି। ଏକ ସୁରକ୍ଷିତ ଭବିଷ୍ୟତ ପାଇଁ ଏବେଠାରୁ ଇନ୍ଧନ ସଂରକ୍ଷଣ କରିବା ଲାଗି ସେ ଆହ୍ୱାନ କରିଛନ୍ତି। ଏଥିସହ ଇନ୍ଧନର ଅପବ୍ୟବହାର ନ କରିବା ପାଇଁ ସମସ୍ତେ ସଚେତନ ହେବା ଜରୁରୀ ବୋଲି ସେ କହିଛନ୍ତି। ଏଣୁ ପେଟ୍ରୋଲିୟମ୍ ସଂରକ୍ଷଣ ବିଷୟରେ ଲୋକଙ୍କୁ ସଚେତନ କରାଯିବା ସହ ପରିବହନ, ଶିଳ୍ପ, କୃଷି ଏବଂ ଘରୋଇ କ୍ଷେତ୍ରରେ ଏହାର ବ୍ୟବହାରକୁ ନେଇ ସରକାରଙ୍କ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏଥିସହ ଇନ୍ଧନର ଦକ୍ଷତା ବୃଦ୍ଧି ପାଇଁ ମଧ୍ୟ ଗୁରୁତ୍ୱ ଦିଆଯାଉଥିବା ନେଇ ଆଲୋଚନା କରାଯାଇଥିଲା। ଏହି ଅମୂଲ୍ୟ ସମ୍ପଦର ଅପଚୟ ନ କରିବା ପାଇଁ ଇତ୍ୟବସରରେ ସଚେତନ କରାଯାଇଥିଲା। ଏ ନେଇ ଏକ ସଚେତନତା ଶୋଭାଯାତ୍ରା ଜିସିଡି ପଡ଼ିଆରୁ ବାହାରି ଗଜପତି ଜଙ୍କସନ୍ ପର୍ଯ୍ୟନ୍ତ ଯାଇ ପୁଣି ଜିସିଡି ପଡ଼ିଆକୁ ଫେରିଥିଲା। ଏଥିରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ସାମିଲ ହୋଇ ସଚେତନତା ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମରେ ସରକାରଙ୍କ ଅଧୀନ ତୈଳ ଉଦ୍ୟୋଗଗୁଡ଼ିକର ପ୍ରତିନିଧି, ଡିଲର୍ ଏବଂ ଏଲ୍‌ପିଜି ବିତରକମାନେ ଉପସ୍ଥିତ ଥିଲେ। ସେଲ୍‌ସ ଅଫିସର ଶୋଭନ୍ କୁମାର ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ରେଳ ବିଭାଗର କମର୍ସିଆଲ୍ ଡିଭିଜନ୍ ମୁଖ୍ୟ ମହୋତ୍ସବକୁ ଶୁଭାରମ୍ଭ କରୁଛନ୍ତି।

ସ୍ୱଚ୍ଛଭାରତ ଅଭିଯାନ

# ସଫେଇ କାର୍ଯ୍ୟକ୍ରମ

ରାୟଗଡ଼ା ଅଫିସ,୨।୨

ସ୍ୱଚ୍ଛ ଭାରତ ଅଭିଯାନରେ ୩୨୬ ନଂ. ଜାତୀୟ ରାଜପଥ ନିକଟ କତାପେଟା ମୁଖ୍ୟ ରାସ୍ତା ଓ ଆଖ ପାଖ ଅଞ୍ଚଳରେ ରବିବାର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କତାପେଟା ସରପଞ୍ଚ ହୁଇକା ପ୍ରସାଦଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନିଜର ଓ ଆଖ ପାଖ ପରିବେଶକୁ ସଫଳ ରଖିବାକୁ ସେ ଲୋକଙ୍କୁ ଉତ୍ସାହିତ କରିବା ସହ ନିଜେ ସଫେଇ କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କେ. ଶ୍ରୀଧର, ପି. ମୁରଲୀ, ଏମ. ଭି. ରାବଣା ପ୍ରମୁଖ ସଫେଇ କାର୍ଯ୍ୟକ୍ରମରେ ନିଜକୁ ସାମିଲ୍ କରିଥିଲେ।

# ମାତୃ ସମ୍ମିଳନୀ



ଗୁଣପୁର,୨।୨(ଡି.ଏନ୍.ଏ.)

ଗୁଣପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରବିବାର ସାମୂହିକ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାରମ୍ଭ ଠାରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଶିଶୁ ଯୋଗ ଦେଇଥିଲେ। ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ ଶତପଥୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରି ସଂସ୍କାର ଯୁକ୍ତ ଶିକ୍ଷା ସହ ନୈତିକ ମୂଲ୍ୟବୋଧକୁ ଗୁରୁତ୍ୱ ଦେବାପାଇଁ ମାର୍ଗଦର୍ଶନ କରିଥିଲେ। ପରିଚାଳନା କମିଟିର ନୂତନ ସଭାପତି ବି. ଗଜପତି ରାଓ, ସମ୍ପାଦକ ସୋମନାଥ ଗୌଡ଼, ଉପସଭାପତି ମୀନକେତନ ପଣ୍ଡା, କୋଷାଧ୍ୟକ୍ଷ ପି. ଗୋବିନ୍ଦ ରାଓ, ପୂର୍ବତନ ସଭାପତି ଲଳିତ ବୈଦ୍ୟ ଭୂଷଣ, ପୂର୍ବତନ ସମ୍ପାଦକ ଜଗନ୍ନାଥ ପଟ୍ଟନାୟକ ନିଜ ଅଭିଭାଷଣରେ ମାତୃମଣ୍ଡଳୀଙ୍କୁ ମାର୍ଗଦର୍ଶନ କରିଥିଲେ। ଆଚାର୍ଯ୍ୟା ସଞ୍ଜୁକ୍ତା ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଚାର୍ଯ୍ୟା ମମତା ସାହୁ, ଆଚାର୍ଯ୍ୟ ମନୋଜ କୁମାର ମହାରଣା ଉପସ୍ଥିତ ଥିଲେ। ଛାତ୍ରୀମାନେ ସାମୂହିକ ସଙ୍ଗୀତ ଗାନ କରିଥିଲେ। ଆଚାର୍ଯ୍ୟ ପିଣ୍ଟୁ ଚଣ୍ଡ ଧନ୍ୟବାଦ ଦେଇଥିଲେ।

# ଅଙ୍ଗନୱାଡ଼ିକୁ ଫିଲ୍ଟର୍, ଚେୟାର ପ୍ରଦାନ



ଅଙ୍ଗନୱାଡ଼ି କେନ୍ଦ୍ରକୁ ବିଭିନ୍ନ ସାମଗ୍ରୀ ଦିଆଯାଉଛି।

କୋଲନରା, ୨।୨ (ଡି.ଏନ୍.ଏ.)

ରାୟଗଡ଼ା ଜିଲା କୋଲନରା ବ୍ଲକ୍ ଅଧୀନ ୫ ପଞ୍ଚାୟତର ବିଭିନ୍ନ ଅଙ୍ଗନୱାଡ଼ି କେନ୍ଦ୍ରକୁ ବ୍ଲକ୍ ପ୍ରଶାସନ ପକ୍ଷରୁ ଚେୟାର, ଟେବୁଲ, ଗ୍ୟାସ ସିଲିଣ୍ଡର୍, ଗ୍ୟାସ୍ ଚୁଲା ସେଟ୍, ୱାଟର୍ ଫିଲ୍‌ଟର, ପ୍ରେସର୍ କୁକୁର୍ ଦିଆଯାଇଛି। ସେହିପରି ଯେଉଁ ଅଙ୍ଗନୱାଡ଼ି କେନ୍ଦ୍ରରେ ବିଦ୍ୟୁତ୍ ସଂଯୋଗ ନାହିଁ, ସେଠାରେ ସୋଲାର ସିଷ୍ଟମ୍ ଦ୍ୱାରା ଆଲୁଅ ଓ ପଙ୍ଖାର ବ୍ୟବସ୍ଥା ମଧ୍ୟ କରାଯାଇଥିବା ଜଣାପଡ଼ିଛି। ୨୦୧୯-୨୦ ବର୍ଷରେ ଚତୁର୍ଦ୍ଦଶ ଅର୍ଥ କମିଶନଙ୍କ ଅନୁଦାନରୁ ଏହା ଦିଆଯାଇଥିବା ଜଣାପଡ଼ିଛି। କେଲିଗୁଡ଼ା, କାର୍ତ୍ତିକାଗୁଡ଼ା, ଥେରୁବାଲି, ଖେଦାପଡ଼ା ଓ ଡୁମୁରିଗୁଡ଼ା ପଞ୍ଚାୟତର ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରରେ ପିଲାଙ୍କ ପାଇଁ ଏଗୁଡ଼ିକ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ କୋଲନରା ବିଡ଼ିଓ ତାପସ ଭୋଇ, ଆରଡବ୍ଲୁଏସ୍‌ଏସ୍ ଯନ୍ତ୍ରୀ ଶୁଭଦର୍ଶନୀ ପଟ୍ଟନାୟକ, ଅଙ୍ଗନୱାଡ଼ି ସୁପର୍‌ଭାଇଜର, ସରପଞ୍ଚ ଓ ପିଇଓମାନେ ଉପସ୍ଥିତ ରହି ବିଭିନ୍ନ କେନ୍ଦ୍ରରେ ସାମଗ୍ରୀ ଗୁଡ଼ିକ ଦେଇଥିଲେ।

# 'ଦକ୍ଷିଣ ଓଡ଼ିଶାରେ ଶିଳ୍ପର ବିକାଶ' ନେଇ ଆଲୋଚନା

ରାୟଗଡ଼ା ଅଫିସ,୨।୨

ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଅର୍ଥନୀତି ବିଭାଗ (ସ୍ନାତକୋତ୍ତର) ପକ୍ଷରୁ ଦକ୍ଷିଣ ଓଡ଼ିଶା ଅର୍ଥନୈତିକ ସଂଘର ଚତୁର୍ଥ ବାର୍ଷିକ ସମ୍ମିଳନୀ ରବିବାର ଜ୍ୟୁବୁଲି ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ସେନାପତିଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ 'ଦକ୍ଷିଣ ଓଡ଼ିଶାରେ ଶିଳ୍ପର ବିକାଶ' ବିଷୟବସ୍ତୁକୁ ନେଇ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶେଷକରି କ୍ଷୁଦ୍ର ଶିଳ୍ପାଞ୍ଚଳର ବିକାଶ ଉପରେ ଆଲୋଚନା କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଜିଲା କ୍ଷୁଦ୍ର ଶିଳ୍ପ ବିଭାଗର ସଭାପତି ଆଲାମ ଗୋବିନ୍ଦ ରାଜ ଯୋଗଦେଇ ଦକ୍ଷିଣ ଓଡ଼ିଶା ପ୍ରାକୃତିକ ସମ୍ପଦରେ ଭରପୂର ରହିଛି ବୋଲି କହିଥିଲେ। ଶିଳ୍ପ ବିନା ଦେଶର ଅର୍ଥନୈତିକ ପ୍ରଗତି ଅସମ୍ଭବ। ତେଣୁ କ୍ଷୁଦ୍ର ଶିଳ୍ପାଞ୍ଚଳ ଗଠନ କରି କିପରି ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ହେଲେ କଠିନ ପରିଶ୍ରମ, ଇଚ୍ଛାଶକ୍ତି ଏବଂ ନୂତନ ଚିନ୍ତାଧାରାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଦକ୍ଷିଣ ଓଡ଼ିଶା ଅର୍ଥନୈତିକ ସଂଘର ସଭାପତି ଭଗବତ ପାତ୍ର, ସମ୍ପାଦିକା ଡ଼. ସନ୍ଧ୍ୟାରାଣୀ ଦାସ, ଆଲୋଚନାଚକ୍ରର ଆବାହକ ସୂର୍ଯ୍ୟ ନାରାୟଣ ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ଥିଲେ। କଲେଜର ଅଧ୍ୟାପିକା, ଅଧ୍ୟାପକ ଏବଂ ବିଭାଗୀୟ ଛାତ୍ରୀଛାତ୍ର ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

**ଦକ୍ଷିଣ ଓଡ଼ିଶା ଅର୍ଥନୈତିକ ସଂଘର ୪ର୍ଥ ବାର୍ଷିକ ସମ୍ମିଳନୀ**




ମଞ୍ଚାସୀନ ଜିଲା କ୍ଷୁଦ୍ର ଶିଳ୍ପ ବିଭାଗର ସଭାପତି ଆଲାମ ଗୋବିନ୍ଦ ରାଜ ଓ ଅନ୍ୟମାନେ।


ମାଲ୍ୟବନ୍ତ ମହୋତ୍ସବ ଉଦ୍‌ଘାଟନ ଅବସରରେ ଜିଲାପାଳ ପୂଜାର୍ଚ୍ଚନା କରୁଛନ୍ତି।


ଆଦିବାସୀ ଯୁବତୀଙ୍କ ଢ଼େମସା ନୃତ୍ୟ।


ମହିଳାମାନେ ମାଲ୍ୟବନ୍ତ ମଣ୍ଡପରେ ଭୂମି ପୂଜା କରୁଛନ୍ତି।


କଳସ ଶୋଭାଯାତ୍ରାରେ ସାମିଲ ହୋଇଥିବା ମହିଳାମାନେ।


ମୋଟୁ ମୁର୍ଗି ପଏଣ୍ଟରୁ ଲାଠିକୁ ଶୋଭାଯାତ୍ରାରେ ଧରି ଜଗନ୍ନାଥ ମନ୍ଦିରକୁ ନିଆଯାଉଛି।

# ମାଲ୍ୟବନ୍ତ ମହୋତ୍ସବ ଆରମ୍ଭ

**ମାଲକାନଗିରି/କାଲିମେଲା/ଏମଭି-୭୯ ୨।୨(ଡି.ଏନ.ଏ./ସ୍ୱ.ପ୍ର.)**

ମାଲକାନଗିରି ଜିଲାର ବହୁ ପ୍ରତୀକ୍ଷିତ ଗଣପର୍ବ ରବିବାର ଶୁଭାରମ୍ଭ ହୋଇଛି। ଓଡ଼ିଶାର ଶେଷ ସୀମାନ୍ତ ତଥା ଛତିଶଗଡ଼ ଏବଂ ଆନ୍ଧ୍ରକୁ ଲାଗି ରହିଥିବା ସାବେରୀ, ସିଲେରୁ ଏବଂ ଗୋଦାବରୀ ନଦୀର ତ୍ରିବେଣୀ ସଙ୍ଗମ ଗୋଦାବରୀ ନଦୀରୁ ପବିତ୍ର ଜଳ ସଂଗ୍ରହ କରାଯାଇଛି। ମୁର୍ଗି ପଏଣ୍ଟରେ ୧ ହଜାରରୁ ଊର୍ଦ୍ଧ୍ୱ ନୂତନ କଳସରେ ଜଳ ସଂଗ୍ରହ କରାଯାଇ ବିଧି ଅନୁସାରେ ପୂଜାର୍ଚ୍ଚନା ହୋଇଥିଲା। ତ୍ରିବେଣୀ ସଙ୍ଗମଠାରୁ ଏକ ଶୋଭାଯାତ୍ରାରେ ଆଦିବାସୀଙ୍କ ପାରମ୍ପରିକ ଲୋକ ନୃତ୍ୟ ଢେମ୍‌ସା, ଘଣ୍ଟ ବାଦ୍ୟ, ସିଙ୍ଗ ନାଚରେ ସ୍ଥାନୀୟ ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା । ଏଥିରେ ପଡ଼ୋଶୀ ଛତିଶଗଡ଼ ଏବଂ ଆନ୍ଧ୍ରର ବହୁସଂଖ୍ୟାରେ ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ। ହୁଳହୁଳି ଓ ପବିତ୍ର ଶଙ୍ଖଧ୍ୱନିରେ ଶୋଭାଯାତ୍ରାରେ କଳସ ଆସି ମାଲକାନଗିରି ସଦର ମହକୁମା ମେଡିକାଲ ଛକରେ ପହଞ୍ଚିଥିଲା। ସେଠାରୁ ସହରବାସୀ, ବିଦ୍ୟାଳୟ, ମହାବିଦ୍ୟାଳୟ ଛାତ୍ରୀଛାତ୍ର ଏକ ଶୋଭାଯାତ୍ରାରେ ୪ କିମି ଦୂର ଜଗନ୍ନାଥ ମନ୍ଦିରକୁ ଆଣିଥିଲେ । ବାଦ୍ୟ, ନାଚଗୀତ ଓ ଆତସବାଜିରେ ସହର ମୁଖରିତ ହୋଇଥିଲା । ଏଥିରେ ସହରର ସବୁ ବର୍ଗର ଲୋକ ସାମିଲ୍ ହେବା ସହ ବିଦ୍ୟାଳୟ ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ତ୍ରିବେଣୀ ସଙ୍ଗମଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ହୋଇଥିଲା। ଜିଲାପାଳ ଅରବିନ୍ଦ ଅଗ୍ରୱାଲ ପ୍ରଥମେ ରକ୍ତଦାନ କରିଥିଲେ । ପରେ ଅନେକ ଯୁବତୀଯୁବକ ରକ୍ତଦାନ କରିଥିଲେ । ଶିବିରରୁ ୧୦୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଆସନ୍ତା ୭ରେ ଜଗନ୍ନାଥ ମନ୍ଦିରରୁ ଜଳକଳସଗୁଡ଼ିକୁ ଶୋଭାଯାତ୍ରାରେ ଡିଏନକେ ପଡିଆ ମାଲ୍ୟବନ୍ତ ମୁଖ୍ୟ ମଣ୍ଡପକୁ ନିଆଯିବ । ସେଠାରେ ୩ ଦିନ ଧରି ଜିଲାସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ବିଧାୟକ ଆଦିତ୍ୟ ମାଢ଼ି, ଜିଲାପାଳ ଅଗ୍ରୱାଲ, ଉପଜିଲାପାଳ ରାମେଶ୍ୱର ପ୍ରଧାନ, ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ ଗୁଣନିଧି ନାୟକ, ଗ୍ରାମ ଉନ୍ନୟନ ପ୍ରକଳ୍ପ ଉପ ନିର୍ଦ୍ଦେଶକ ମାନସ ମିଶ୍ର, କାଲିମେଲା ବିଡିଓ ଉମାଶଙ୍କର ଦଳେଇ, ବିଭିନ୍ନ ବିଭାଗର ପଦାଧିକାରୀ, ଉନ୍ନୟନ ପରିଷଦ ଅଧ୍ୟକ୍ଷ ମାନସ ମାଡକାମି, ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡିଆମି, କାଲିମେଳା ବ୍ଲକ ଅଧ୍ୟକ୍ଷ ମାଲାମାଢି, କାଲିମେଳା ଓ ପଡିଆ ବ୍ଲକର ସମସ୍ତ ସରପଞ୍ଚ, ସମିତିସଭ୍ୟ ଓ ଜିଲା ପରିଷଦ ସଭ୍ୟାସଭ୍ୟ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ବରିଷ୍ଠ ନାଗରିକମାନେ ଅଂଶଗ୍ରହଣ କରିଥିଲେ । ସୂଚନାଯୋଗ୍ୟ ଯେ, କାଲିମେଳା, ପଡିଆ, ଖଇରପୁଟରେ ବ୍ଲକସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ଆରମ୍ଭ ହୋଇଛି। ମାଥିଲି ବ୍ଲକରେ ୩ରେ,ଚିତ୍ରକୋଣ୍ଡା ରେ ୪ରେ, ମାଲକାନଗିରି ବ୍ଲକ ଏବଂ କୋରୁକୋଣ୍ଡାରେ ୫ରେ ଏହି ଉତ୍ସବ ଅନୁଷ୍ଠିତ ହୋଇ ୭ରୁ ଜିଲାସ୍ତରୀୟ ମହୋତ୍ସବ ହେବ।

## ବ୍ଲକସ୍ତରୀୟ କାର୍ଯ୍ୟକ୍ରମ

- ମୋଟୁ -ତ୍ରିବେଣୀ ସଙ୍ଗମ ଗୋଦାବରୀରୁ ଜଳ ସଂଗ୍ରହ
- ବହୁ ଜନ ସମାଗମରେ ହେଲା କଳସ ଶୋଭାଯାତ୍ରା
- ଆଦିବାସୀଙ୍କ ନୃତ୍ୟବାଦ୍ୟରେ କମ୍ପିଲା ଅଞ୍ଚଳ


କଳସ ଶୋଭାଯାତ୍ରାକୁ ଶଙ୍ଖ ଫୁଙ୍କି ସ୍ୱାଗତ କରାଯାଉଛି।


ରକ୍ତଦାନ ଶିବିରରେ ଜଣେ ଯୁବକ ରକ୍ତଦାନ କରୁଛନ୍ତି।

## ମାଲ୍ୟବନ୍ତ ଉତ୍ସବ ଅବସରରେ ରକ୍ତଦାନ ଶିବିର

**କାଲିମେଳା,୨।୨(ଡି.ଏନ.ଏ.)**

ରବିବାର ମାଲକାନଗିରି ଜିଲାସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ କାଲିମେଳା ବ୍ଲକ ଅନ୍ତର୍ଗତ ମୋଟୁଠାରେ ଉଦ୍‌ଘାଟିତ ହୋଇଥିଲା। ଏହି ଅବସରରେ ଜିଲା ଓ ବ୍ଲକ ପ୍ରଶାସନ ପକ୍ଷରୁ ଜିଲା ରକ୍ତ ଭଣ୍ଡାର ସହାୟତାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ହୋଇଥିଲା । ଶିବିରକୁ ମାଲକାନଗିରି ଜିଲାପାଳ ମନୀଷ ଅଗ୍ରୱାଲ ନିଜେ ରକ୍ତଦାନ କରି ଉଦ୍‌ଘାଟନ କରିଥିଲେ। ଜିଲା ରେଡକ୍ରସର ଅବାହକ ତଥା ସମ୍ପାଦକ ଅଧ୍ୟାପକ ଡ. ରଞ୍ଜନ କୁମାର ସ୍ୱାଇଁଙ୍କ ସହ ଅନ୍ୟମାନେ ସହଯୋଗ କରଥିଲେ। ଶିବିରରୁ ମୋଟ ୨୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିବା ଜଣାପଡିଛି । ରକ୍ତଭଣ୍ଡାରର ଡାକ୍ତର ମୌସୁମୀ ବିଶ୍ୱାସ, ଟେକ୍‌ନିସିଆନ ସୁଜଲ ରାୟ, ସନ୍ତୋଷ ଚୌଧୁରୀ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ।

# ଖଇରପୁଟ, ପଡିଆରେ ବ୍ଲକସ୍ତରୀୟ ମାଲ୍ୟବନ୍ତ ଉତ୍ସବ


ଖଇରପୁଟରେ ବ୍ଲକସ୍ତରୀୟ ମାଲ୍ୟବନ୍ତ ଉତ୍ସବରେ ମଞ୍ଚାସୀନ ଅତିଥି।


ପଡ଼ିଆରେ ବାହାରିଥିବା କଳସ ଶୋଭାଯାତ୍ରା।

**ଖଇରପୁଟ/ଗୋବିନ୍ଦପାଲି, ୨।୨(ଡି.ଏନ.ଏ.)**

ଖାଇରପୁଟ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା କୁମୁଦିନି କିର୍ଷାନି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଡିଓ ଆଶିଷ କୁମାର ଭୋଇ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ରୂପେ ତହସିଲଦାର ଅଶୋକ କୁମାର ମୁଦୁଲି, ଆଇଆଇସି ମାଧବ ଚନ୍ଦ୍ର ବେହେରା, ଜିଲା ପରିଷଦ ସଭ୍ୟା ମୋହିନୀ ସଗରିଆ, ବ୍ଲକ ଉପାଧ୍ୟକ୍ଷା ଗୀତାରାଣୀ ଭତ୍ରା, ଶିକ୍ଷାଧିକାରୀ ଶଶୀଭୂଷଣ ମିଶ୍ର,ସହକାରୀ ଯନ୍ତ୍ରୀ ନଗେନ୍ଦ୍ର ନାଥ ଦାସଙ୍କ ସହ ସରପଞ୍ଚ, ସମିତିସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ଗ୍ରାମାଞ୍ଚଳର ଲୋକକଳା, ଲୋକନୃତ୍ୟ ସହ ଐତିହ୍ୟ ଓ ପରମ୍ପରାକୁ ଲୋକ ଲୋଚନକୁ ଆଣିବା ଏହି ମହୋତ୍ସବର ଲକ୍ଷ୍ୟ ବୋଲି ବିଡିଓ ଭୋଇ କହିଥିଲେ। ଦାମଲଦେଇ ନଦୀରୁ ଜଳ ସଂଗ୍ରହ କରାଯାଇ ଶୋଭାଯାତ୍ରାରେ ଅଣାଯାଇଥିଲା। ବିଭିନ୍ନ କ୍ଷେତ୍ରରେ କୃତୀ ଛାତ୍ରୀଛାତ୍ର ଓ ବ୍ୟକ୍ତି ବିଶେଷଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ସୌନ୍ଦର୍ଯ୍ୟକରଣ ପାଇଁ ବାୟାଗୁଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ୟାସୀ କିରସାନିଙ୍କୁ ପୁରସ୍କୃତ କରାଯାଇଥିଲା। ସାମାଜିକ କର୍ମୀଗୋପୀ ପାଙ୍ଗି, ଭଗବାନ ସାହୁ, ଜଗନ୍ନାଥ ମାଝି, ବାପୁନି ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

**ପଡିଆ, (ଡି.ଏନ.ଏ. ):** ପଡିଆ ବ୍ଲକରେ ବ୍ଲକସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ସକାଳେ ବ୍ଲକ ପ୍ରଶାସନ, ସ୍କୁଲ କଲେଜ ଛାତ୍ରୀଛାତ୍ର ଓ ସ୍ଥାନୀୟ ଲୋକଙ୍କ ଉପସ୍ଥିତିରେ କମାରଗୁଡା ଗ୍ରାମ ଦୁର୍ଗା ମନ୍ଦିରରେ ପୂଜାର୍ଚ୍ଚନା କରି ନିକଟସ୍ଥ ଶାବେରୀ ନଦୀରୁ ଜଳ ସଂଗ୍ରହ କରାଯାଇ କଳସ ଶେଭାଯାତ୍ରାରେ ଅଣାଯାଇ ପୁରୁଣା ବ୍ଲକସ୍ଥିତ ଖେଳ ପଡିଆଠାରେ ପହଞ୍ଚିଥିଲା । ସେଠାରେ ପାରମ୍ପରିକ ନୀତିରେ ପୂଜା କରାଯିବା ପରେ ପ୍ରଭୁ ଜଗନ୍ନାଥଙ୍କ ଫୋଟ ରେ ପୁଷ୍ପମାଲ୍ୟ ଅର୍ପଣ କରି ମାଲ୍ୟବନ୍ତ ମହୋତ୍ସବର ଶୁଭାରମ୍ଭ କରାଯାଇଥିଲା। ଏହି ଅବସରରେ ପଡିଆ ବ୍ଲକ ଅଧ୍ୟକ୍ଷ ଦେବା ମାଡକାମି, ବିଡିଓ ରଘୁନାଥ ମୁଣ୍ଡାରୀ, ବିଧାୟକ ପ୍ରତିନିଧି କୋଟାମ ବାଲାୟା, ଆଞ୍ଚଳିକ ମହାବିଦ୍ୟାଳୟର ଅଧ୍ୟକ୍ଷ ପରମାନନ୍ଦ ମହାପାତ୍ର, ଥାନା ଅଧିକାରୀ ପ୍ରଭାତ କୁମାର ବେହେରା, ଏମ ଡି ଫାରୁକ, ମାଝି ସତ୍ୟ ନାରାୟଣ, ନାକା ନୁକାଲ ରାଜୁ, ଚିନାମ ରାବିଡ଼ ଙ୍କ ସମେତ ଜିଲା ପରିଷଦ ସଭ୍ୟାସଭ୍ୟ, ବିଭିନ୍ନ ପଞ୍ଚାୟତ ର ସରପଞ୍ଚମାନେ ଉପସ୍ଥିତ ଥିଲେ। ସ୍ଥାନୀୟ ଅଞ୍ଚଳର ପରମ୍ପରା, ସାହିତ୍ୟ ଓ ସଂସ୍କୃତିକୁ ବଜାରୟ ରଖିବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ଖେଳ ପଡିଆଠାରେ ସ୍କୁଲ, କଲେଜ ଓ ସ୍ଥାନୀୟ ଯୁବକଙ୍କଙ୍କୁ ନେଇ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ହୋଇଥିଲା। ସନ୍ଧ୍ୟାରେ ମାଲ୍ୟବନ୍ତ ପଡିଆରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା।

### ସ୍ଥାୟୀ ନିଯୁକ୍ତି ନେଇ ଜିଲା ମଙ୍ଗଳ ଅଧିକାରୀଙ୍କ ସହ ଆଲୋଚନା

## ସରକାର ନ ଶୁଣିଲେ ଆନ୍ଦୋଳନ: ରୋଷେୟା ସଙ୍ଗଠନ

**ମାଲକାନଗିରି,୨।୨(ଡି.ଏନ.ଏ.)**

ମାଲକାନଗିରି ଜିଲା ରୋଷେୟା ସଂଘ ପକ୍ଷରୁ କର୍ମକର୍ତ୍ତାମାନେ ସେମାନଙ୍କ ସ୍ଥାୟୀ ନିଯୁକ୍ତି ଏବଂ ବିଭିନ୍ନ ସମସ୍ୟାନେଇ ଜିଲା ମଙ୍ଗଳ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଜିଲା ମଙ୍ଗଳ ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ରୋଷେୟାଙ୍କୁ ସ୍ଥାୟୀ ନିଯୁକ୍ତି ଦେବାକୁ ସେମାନେ ଆଲୋଚନା କରିଥିଲେ। ଏନେଇ ଦୀର୍ଘ ବର୍ଷ ହେଲା ସେମାନେ ଦାବି କରି ଆସୁଥିଲେ ମଧ୍ୟ ଗୁରୁତ୍ୱାରୋପ କରାଯାଉନାହିଁ। ୧୯୯୩ରୁ ମଙ୍ଗଳ ବିଭାଗ ପକ୍ଷରୁ ୩୬ଜଣ ରୋଷେୟାଙ୍କ ଏକ ତାଲିକା ଜିଲାପାଳଙ୍କ ମାଧ୍ୟମରେ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଥିଲା। ୨୦୧୨ରେ ଅର୍ଥବିଭାଗ ୧୨ଜଣଙ୍କ ସ୍ଥାୟୀ ନିଯୁକ୍ତି ଲାଗି ମଞ୍ଜୁର କରିଥିଲେ। ସେମାନଙ୍କ ମଧ୍ୟରୁ ୬ଜଣଙ୍କୁ ସ୍ଥାୟୀ ନିଯୁକ୍ତି ମିଳିଥିଲା। ସେମାନଙ୍କ ମଧ୍ୟରୁ ଆଉ ଜଣ ୬ ଜଣଙ୍କୁ ସ୍ଥାୟୀ କରିବା ପାଇଁ ଗତ ୨୨ରେ ଜିଲା ପ୍ରଶାସନ ସରକାରଙ୍କୁ ଚିଠି କରିଛନ୍ତି। ବର୍ତ୍ତମାନ ୩୦ ରୋଷେୟାଙ୍କୁ ସ୍ଥାୟୀ ନିଯୁକ୍ତି ପାଇଁ ପଦକ୍ଷେପ ନିଆଯାଇ ନ ଥିବାରୁ ସଂଘ କ୍ଷୋଭ ପ୍ରକାଶ କରିଛି। ତୁରନ୍ତ ସମସ୍ତ ରୋଷେୟାଙ୍କୁ ସ୍ଥାୟୀ ନିଯୁକ୍ତି କରା ନ ଗଲେ ଆଗାମୀ ଦିନରେ ସଂଘ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି। ଗତ ନଭେମ୍ବର ୩୦ରେ ରାଜ୍ୟ ସରକାରଙ୍କ ଜାତି ଜନଜାତି ବିଭାଗରୁ ସମସ୍ତ ଜିଲା ମଙ୍ଗଳ ଅଧିକାରୀଙ୍କୁ ଜିଲାରେ କାର୍ଯ୍ୟରତ ସମସ୍ତ ରୋଷେୟାଙ୍କ ତାଲିକା, ବରିଷ୍ଠତା ସମ୍ପର୍କରେ ଜଣାଇବା ପାଇଁ ନିର୍ଦ୍ଦେଶ ଆସିଛି । ଏନେଇ ଜିଲା ମଙ୍ଗଳ ଅଧିକାରୀ ପ୍ରଦୀପ୍ତ କୁମାର ପଣ୍ଡା କହିଛନ୍ତି ଯେ, ୨୦୧୨ରୁ ଓଡ଼ିଶାରେ ରୋଷେୟାଙ୍କ ସ୍ଥାୟୀ ନିଯୁକ୍ତି ଲାଗି ୧୧୨ ଜଣଙ୍କ ନାମ ସୁପାରିସ କରାଯାଇଥିବା ବେଳେ ଅର୍ଥ ବିଭାଗ ମାଲକାନଗିରି ଜିଲାରେ ୧୭ ଜଣ ରୋଷେୟାଙ୍କୁ ସ୍ଥାୟୀ ନିଯୁକ୍ତି ପାଇଁ ମଞ୍ଜୁର କରିଥିଲେ । ସେମାନଙ୍କ ମଧ୍ୟରୁ ପୂର୍ବରୁ ୬ ଜଣ ସ୍ଥାୟୀ ନିଯୁକ୍ତି ପାଇଥିବାବେଳେ ବର୍ତ୍ତମାନ ୬ ଜଣଙ୍କ ନାମ ସୁପାରିସ କରାଯାଇଛି । ଇତିମଧ୍ୟରେ ରୋଷେୟା ଥିବା ୨ ଜଣ ମୃତ୍ୟୁବରଣ କରିଥିବାବେଳେ ୨ ଜଣ ଚାକିରିରୁ ବହିଷ୍କୃତ ହୋଇଛନ୍ତି। ଜଣେ ସାଧାରଣ ବର୍ଗର ହୋଇଥିବାରୁ ତାଙ୍କ ନାମ ସୁପାରିସ କରାଯାଇନାହିଁ। ସରକାରଙ୍କ ମଞ୍ଜୁରି ଆସିଲେ ସ୍ଥାୟୀ ନିଯୁକ୍ତ ଦେବାରେ କୌଣସି ଅସୁବିଧା ନାହିଁ ବୋଲି ପଣ୍ଡା କହିଛନ୍ତି। ଆଲୋଚନା ବେଳେ ସମ୍ପାଦକ ଜୟରାମ ଭୂମିଆ, କାର୍ଯ୍ୟକାରୀ ସଦସ୍ୟ ଦୀନବନ୍ଧୁ ବଡ଼ନାୟକ, କେଶବ ମୁଦୁଲି, ହରି ମାଝି, ପରାମର୍ଶଦାତା ଦୁର୍ଯ୍ୟୋଧନ ପାତ୍ର, ପୀତବାସ ଭୂମିଆ, ଦୁଲା କବାସି, ଗଙ୍ଗା ମାଡ଼କାମି ଅଂଶଗ୍ରହଣ କରିଥିଲେ।


ରୋଷେୟାମାନେ ଜିଲା ମଙ୍ଗଳ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

## ଚିତ୍ରକୋଣ୍ଡା ବିଚ୍ଛିନ୍ନାଞ୍ଚଳରେ ଲାଗିଲା ମାଓବାଦୀ ପୋଷ୍ଟର


ମରାଯାଇଥିବା ମାଓବାଦୀଙ୍କ ପୋଷ୍ଟର।

**ମାଲକାନଗିରି,୨।୨(ସ୍ୱ.ପ୍ର.)**

ସ୍ୱାଭିମାନ ଅଞ୍ଚଳରେ ମାଓବାଦୀଙ୍କ ବ୍ୟାନର ଓ ପୋଷ୍ଟର ଲାଗିଥିବା ରବିବାର ଦେଖିବାକୁମିଳିଛି। ଯୋଡ଼ାମ୍ବରୁ ପଣସପୁଟ ପର୍ଯ୍ୟନ୍ତ ଦୀର୍ଘ ୧୦ କିଲୋମିଟର ପର୍ଯ୍ୟନ୍ତ ପୋଲିସ ଓ ସରକାରଙ୍କୁ ବିରୋଧ କରି ଏହି ପୋଷ୍ଟର ଲାଗିଛି। ଗତ ୨୫ରୁ ବିଚ୍ଛିନ୍ନାଞ୍ଚଳରେ ଉତ୍ତେଜନା ଲାଗି ରହିଥିବାବେଳେ ଯୋଡ଼ାମ୍ବ ପଞ୍ଚାୟତର ୪ ଜଣଙ୍କୁ ମାଓବାଦୀମାନେ ଟାର୍ଗେଟ କରିଛନ୍ତି । ସେମାନଙ୍କୁ ମୃତ୍ୟୁଦଣ୍ଡ ଦେବାକୁ ପୋଷ୍ଟରରେ ଉଲ୍ଲେଖ କରିଛନ୍ତି। ମାଓବାଦୀମାନେ ପୋଷ୍ଟରରେ ଯୋଡ଼ାମ୍ବ, ଜନ୍ତୁରାଇ ଓ ସିନ୍ଧିବାଡି ଗ୍ରାମବାସୀଙ୍କୁ ପୋଲିସ ସହ ମିତ୍ରତା ସ୍ଥାପନ ନ କରିବାକୁ ଉଲ୍ଲେଖ କରିଛନ୍ତି। ଗତ ୨୫ରେ ଘଟିଥିବା ଘଟଣାରେ ଗ୍ରାମବାସୀଙ୍କ ଆକ୍ରମଣରେ ଜଣେ ମାଓବାଦୀ ନିହତ ହୋଇଥିଲେ। ଜଣେ ଆହତ ହୋଇଥିଲେ। ଏହି କାର୍ଯ୍ୟରେ ଜଡିତ ବ୍ୟକ୍ତିମାନଙ୍କୁ ପୋଲିସ କେତେଦିନ ସୁରକ୍ଷା ଦେବ ବୋଲି ସେମାନେ ପ୍ରଶ୍ନ ଉଠାଇଛନ୍ତି। ଯୋଡ଼ାମ୍ବ ଓ ଜାନ୍ତୁରାଇ ଗ୍ରାମରେ ଘଟିଥିବା ଘଟଣା ପାଇଁ ପୋଲିସ ସମ୍ପୂର୍ଣ୍ଣ ଦାୟୀ। ପୋଲିସ କ୍ୟାମ୍ପ ପ୍ରତିଷ୍ଠାରେ ବିଚ୍ଛିନ୍ନାଞ୍ଚଳର ବିକାଶ ହେବନାହିଁ। ରାସ୍ତା ନିର୍ମାଣରେ ବିକାଶ ହୁଏନି ବୋଲି ପୋଷ୍ଟରରେ ଉଲ୍ଲେଖ କରାଯାଇଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ସୋମବାର, ଫେବୃୟାରୀ ୩/୨୦୨୦ Rayagada, Monday, February. 3 / 2020

## ସଂକ୍ଷେପରେ

### ବ୍ରାହ୍ମଣ ସମାଜର କାର୍ଯ୍ୟକାରିଣୀ ବୈଠକ



ମାଲକାନଗିରି,୨।୨(ଡି.ଏନ.ଏ.): ମାଲକାନଗିରି ସଦର ମହକୁମାସ୍ଥିତ ବ୍ରାହ୍ମଣ ସମାଜ ସଭାଗୃହରେ ରବିବାର ଅବିଭକ୍ତ କୋରାପୁଟ ଜିଲା ବ୍ରାହ୍ମଣ ସମାଜର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ବିନାୟକ ଶତପଥୀ ଅଧ୍ୟକ୍ଷତା କରିଥିଲେ। ନବରଙ୍ଗପୁର, କୋରାପୁଟ, ରାୟଗଡ଼ା, ମାଲକାନଗିରି ଜିଲାର ଶତାଧିକ ସଦସ୍ୟ ଉପସ୍ଥିତ ରହି ବ୍ରାହ୍ମଣ ସମାଜର ଉନ୍ନତି ନେଇ ଆଲୋଚନା କରିଥିଲେ । ରାୟଗଡ଼ା ବ୍ରାହ୍ମଣ ସମାଜ ସଭାପତି କିଶୋର ଚନ୍ଦ୍ର ପଣ୍ଡା, ନବରଙ୍ଗପୁରର ସୁରେଶ ଚନ୍ଦ୍ର ପଣ୍ଡା ଓ ମୃତ୍ୟୁଞ୍ଜୟ ଦାସ, କୋରାପୁଟ ସମାଜର ନରସିଂହ ମିଶ୍ର, ଦାମନଯୋଡ଼ିର ଜଳେନ୍ଦ୍ର ତ୍ରିପାଠୀ, ଜୟପୁରର କିଶୋର ଚନ୍ଦ୍ର ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ । ବ୍ରାହ୍ମଣମାନେ ସଙ୍ଗଠିତ ହୋଇ ପ୍ରଥମେ ସମାଜକୁ ସୁଦୃଢ଼ କରିବା ସହ ଦେଶରେ ଶାନ୍ତି ଓ ମୈତ୍ରୀର ବାର୍ତ୍ତା ପ୍ରଦାନ କରିବା ଉଚିତ ବୋଲି ମତ ପ୍ରକାଶ ପାଇଥିଲା। ଦାମନଯୋଡିଠାରେ ବିନା ମୂଲ୍ୟରେ ବ୍ରାହ୍ମଣ ସମାଜର ଯୁବକ ମାନଙ୍କୁ ବିଭିନ୍ନ କର୍ମକାଣ୍ଡ ସମ୍ପର୍କରେ ତାଲିମ୍ ଦେବେ ବୋଲି ନରେଶ ପାଣିଗ୍ରାହୀ ଘୋଷଣା କରିଥିଲେ । ବ୍ରାହ୍ମଣମାନଙ୍କ ପାଇଁ ରାଜନୀତି ଏବଂ ଅନ୍ୟାନ କ୍ଷେତ୍ରରେ ସ୍ଥାନ ସଂରକ୍ଷଣ କରାଯିବା ଉଚିତ ବୋଲି ସମାଜର ସଦସ୍ୟ ମତବ୍ୟକ୍ତ କରିଥିଲେ ।

### ସଡ଼କ ଦୁର୍ଘଟଣାରେ ଜଣେ ମୃତ, ୧୩ ଆହତ

ଜଳେଶ୍ୱର,୨।୨(ଡି.ଏନ୍.ଏ./ସ୍ୱ.ପ୍ର.): ୬୦ନଂ. ଜାତୀୟ ରାଜପଥର ଜଳେଶ୍ୱର ନୂଆବଜାର ନିକଟସ୍ଥ ଆମ୍ବଲିଅଠା ବାଇପାସ୍‌ଠାରେ ରବିବାର ମଧାହ୍ନରେ ଏକ ସଡ଼କ ଦୁର୍ଘଟଣା ଘଟି ଜଣେ ଯୁବତୀଙ୍କ ମୃତ୍ୟୁ ହୋଇଥିବା ବେଳେ ୧୩ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ନିକଟରେ ଥିବା ରୋରାଲ ସୋର୍ସ ଅଫିସର କର୍ମଚାରୀ ତଥା ସ୍ଥାନୀୟ ଲୋକମାନେ ଗୁରୁତରମାନଙ୍କୁ ଉଦ୍ଧାର କରି ଜିକେଭଙ୍ଗର ହସ୍‌ପିଟାଲକୁ ଚିକିତ୍ସା ପାଇଁ ପଠାଇଥିଲେ। ଏକ ପିକ୍‌ଅପ୍ (ନଂ. ଓଡ଼ି୦୧ଜେ-୨୯୧୨) ପଶ୍ଚିମବଙ୍ଗର ପଦିମା ଗ୍ରାମରୁ ୩୦ରୁ ଉର୍ଦ୍ଧ୍ୱ ଏକ ବରଯାତ୍ରୀ ଦଳ ନେଇ ଜଳେଶ୍ୱର ବ୍ଲକ ସରସିଦା ଗ୍ରାମକୁ ଯାଉଥିବାବେଳେ ଆମ୍ବଲିଅଠା ବାଇପାସ ନିକଟରେ ୬୦ନଂ. ଜାତୀୟ ରାଜପଥ ଉପରକୁ ଉଠୁଥିବା ବେଳେ ପଶ୍ଚିମବଙ୍ଗରୁ ଓଡ଼ିଶା ଆସୁଥିବା ଏକ ଦ୍ରୁତଗାମୀ ଟ୍ରକ (ନଂ.ଜିଏ୦୩ ଡବ୍ଲ୍ୟୁ- ୩୮୮୮) ଧକ୍କା ଦେଇଥିଲା। ଫଳରେ ପିକ୍‌ଅପ୍ ଭ୍ୟାନ୍ ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତା କଡ଼କୁ ଓଲଟି ପଡ଼ିଥିଲା। ଜଳେଶ୍ୱର ପୋଲିସ ପହଞ୍ଚି ଗାଡ଼ିଗୁଡ଼ିକୁ ଜବତ କରିବା ସହ ଦୁର୍ଘଟଣାର ତଦନ୍ତ କରୁଛି।

### ଚୋରାମଦ ବିକ୍ରିକୁ ନେଇ ଉତ୍ତେଜନା: ମହିଳା ଗିରଫ

ତିହିଡ଼ି,୧।୨(ଡି.ଏନ.ଏ.): ଭଦ୍ରକ ଜିଲା ତିହିଡ଼ି ଥାନା ସୟା ପଞ୍ଚାୟତ ଅଧୀନ ବାଂଶବାଗ ଗ୍ରାମରେ ଚୋରାମଦ ବିକ୍ରିକୁ ନେଇ ଶୁକ୍ରବାର ରାତିରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ଘଟଣାରେ ପୋଲିସ, ମାଜିଷ୍ଟ୍ରେଟଙ୍କ ହସ୍ତକ୍ଷେପ ପରେ ଏକ ବନ୍ଦ ଘର ଭିତରୁ ୧୦୭ ବୋତଲ ଦେଶୀ ଓ ବିଦେଶୀ ମଦ ଜବତ ହୋଇଥିଲା। ପୋଲିସ ଏକ ମାମଲା(ନଂ.୩୭/୨୦) ରୁଜୁ କରି ମଦବିକ୍ରେତା ଜଣେ ମହିଳାଙ୍କୁ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ମହିଳା ହେଲେ ସୁକାନ୍ତି ସେଠୀ। ତେବେ ମଦ ବିକ୍ରିରେ ସହଯୋଗ କରୁଥିବା ମହିଳାଙ୍କ ସ୍ୱାମୀ ଫେରାର ହୋଇଯାଇଥିବା ପୋଲିସ ସୂଚନା ଦେଇଛି। ପ୍ରକାଶ ଯେ, ବାଂଶବାଗ ଗ୍ରାମରେ ଚୋରାରେ ମଦ ବିକ୍ରି ହେଉଥିବା ଗ୍ରାମର କେତେଜଣ ମହିଳା ପୋଲିସକୁ ଜଣାଇଥିଲେ। ପୋଲିସ କୌଣସି ପଦକ୍ଷେପ ନ ନେବାରୁ ଶୁକ୍ରବାର ସନ୍ଧ୍ୟାରେ ମହିଳାମାନେ ମଦ ବିକ୍ରି ହେଉଥିବା ଘରକୁ ଘେରିଥିଲେ। ଖବର ପାଇ ତିହିଡ଼ି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ସୁକାନ୍ତି ଅନ୍ୟ ଜଣଙ୍କ ଘରକୁ ଭଡ଼ାସୂତ୍ରରେ ନେଇ ସେଠାରେ ମଦ ରଖିଥିଲେ। ଘରେ ତାଲା ପଡ଼ିଥିବାରୁ ପୋଲିସ ପକ୍ଷେ ତାଲା ଭାଙ୍ଗିବା ସମ୍ଭବ ହୋଇ ନ ଥିଲା। ଏହାକୁ ନେଇ ମହିଳାମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଘରର ତାଲା ଭାଙ୍ଗିବା ଦାବି କାରି ମହିଳାମାନେ ପୋଲିସକୁ ଘେରି ରହିଥିଲେ।

# ଆର.ଉଦୟଗିରି ପଞ୍ଚାୟତରେ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା ଦାବି

ପାରଳାଖେମୁଣ୍ଡି, ୨।୨ (ସ୍ୱ.ପ୍ର.)

ଗଜପତି ଜିଲା ଆର.ଉଦୟଗିରି ବ୍ଲକର ଆର.ଉଦୟଗିରି ପଞ୍ଚାୟତରେ ଆଦିବାସୀ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଦାବି ହେଉଛି । ଏହି ପଞ୍ଚାୟତରେ ୧୦ହଜାରରୁ ଉର୍ଦ୍ଧ୍ୱ ଜନସଂଖ୍ୟା ରହିଛି। ପଞ୍ଚାୟତରେ ୬ଟି ଗ୍ରାମ ରହିଥିବା ବେଳେ ଏହି ଅଞ୍ଚଳ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ରୂପେ ପରିଚିତ। ଏଠାରେ ସରକାରୀ ବିଦ୍ୟାଳୟ ଏବଂ ହାଇସ୍କୁଲ, କନିଷ୍ଠ ମହାବିଦ୍ୟାଳୟ ରହିଥିବାବେଳେ ଆଦିବାସୀ ଆବାସିକ ବିଦ୍ୟାଳୟଟିଏ ନାହିଁ । ଫଳରେ ଏହି ପଞ୍ଚାୟତର ଆଦିବାସୀ ଛାତ୍ରୀଛାତ୍ର ଶିକ୍ଷାଲାଭ ପାଇବାକୁ ହେଲେ ଅନ୍ୟ ପଞ୍ଚାୟତରେ ଥିବା ଆବାସିକ ବିଦ୍ୟାଳୟ ଉପରେ ନିର୍ଭର କରିଥାନ୍ତି । ଅନେକ ଛାତ୍ରଛାତ୍ରୀ ଆବାସିକ ମଧ୍ୟ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି । ଏନେଇ ପୂର୍ବରୁ ଜିଲା ପ୍ରଶାସନ ଏବଂ ସ୍ଥାନୀୟ ଲୋକ ପ୍ରତିନିଧିଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ୨୦୨୦-୨୧ ଶିକ୍ଷାବର୍ଷ ଆରମ୍ଭରୁ ଜିଲା ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେବାକୁ ବ୍ଲକ ଉପାଧ୍ୟକ୍ଷ ନବୀନ ରଇତ ପ୍ରକାଶ କରିଛନ୍ତି ।



ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମ ଅବସରରେ ବାହାରିଥିବା ଶୋଭାଯାତ୍ରା ।



କାର୍ଯ୍ୟକ୍ରମରେ ବିଧାୟକ ଓ ଅନ୍ୟମାନେ ।

■ ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମ

# ସଚେତନତା ବାର୍ତ୍ତା ବାଣ୍ଟିଲେ ଛାତ୍ରୀଛାତ୍ର

ପାରଳାଖେମୁଣ୍ଡି, ୨।୨ (ସ୍ୱ.ପ୍ର.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଗୁଣ୍ଡିଚାବାଡି ପଡିଆଠାରେ ଫିଟ ଇଣ୍ଡିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ଗୁଣ୍ଡିଚାବାଡିଠାରୁ ବାହାରି ସହର ପରିକ୍ରମା କରିଥିଲେ। ଲୋକମାନଙ୍କୁ ପରିବେଶକୁ ନିର୍ମଳ ରଖିବା, ନିଜକୁ ସୁସ୍ଥ ଓ ନିରୋଗ ରଖିବା ପାଇଁ ନିୟମିତ ଚାଲିବା, ଦୌଡିବା, ବ୍ୟାୟାମ କରିବା ଲାଗି ବାର୍ତ୍ତା ଦେଇଥିଲେ। ଶୋଭାଯାତ୍ରାକୁ ପାରଳାଖେମୁଣ୍ଡି ବିଧାୟକ କେ.ନାରାୟଣ ରାଓ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମ ଆଇଓସିଏଲ୍ ଓ ଏଚ୍‌ପିସିଏଲ୍‌ର ମିଳିତ ଆନୁକୂଲ୍ୟରେ ହୋଇଥିଲା । ସମାଜରେ ପ୍ରଦୁଷଣ କମାଇବା, ପେଟ୍ରୋଲ ଡିଜେଲ ଭଳି ତୈଳ ସାମଗ୍ରୀକୁ ସଂରକ୍ଷିତ କରିବାଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ଏଚ୍‌ପିସିଏଲ୍‌ର ଦେବାଶିଷ ନାୟକ, ଏସ୍.ଖାନ ପ୍ରମୁଖ ଉପସ୍ଥିତ ଥିଲେ ।

### ନବରଙ୍ଗପୁର କାକର ଉତ୍ସବରେ ପୁସ୍ତକ ଉନ୍ମୋଚନ

କୁଡୁମୁଲୁଗୁମ୍ମା,୨।୨(ଡି.ଏନ.)

ନବରଙ୍ଗପୁର ଜିଲାର କୋଷାଗୁମୁଡା ଠାରେ ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଆୟୋଜିତ କାକର ସାହିତ୍ୟ ଉତ୍ସବ-୨୦୨୦ ଅବସରରେ ମାଲକାନଗିରି ଜିଲାର ବରିଷ୍ଠ ସାହିତ୍ୟିକ କିଶୋର ଚନ୍ଦ୍ର ପ୍ରଧାନଙ୍କ ଭ୍ରମଣ କାହାଣୀ 'ଐଶ୍ୱର୍ଯ୍ୟର ପଟ୍ଟଚିତ୍ର' ଉନ୍ମୋଚନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସାହିତ୍ୟ ଏକାଡ଼େମୀର ନବରଙ୍ଗପୁର ଜିଲା ସଦସ୍ୟ ବୁଲୁ ହୋତା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ରୂପେ ଝରିଗାଁ ବିଧାୟକ ପ୍ରକାଶ ମାଝୀ, ମୁଖ୍ୟବକ୍ତା ମନହୋର ରନ୍ଧାରୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ମାଲକାନଗିରି ଜିଲାର କବି ବଳରାମ ପୂଜାରୀ,ଖବରଦାତା ଜୀବନକୃଷ୍ଣ ଦାସ, ଭଗବାନ ସାହୁ, ସାମାଜିକ କର୍ମୀ ନିରଞ୍ଜନ ପ୍ରଧାନ, ଶିକ୍ଷାବିତ୍ ଧ୍ରୁବଚରଣ ନାୟକ ସମ୍ମାନିତ ହୋଇଥିଲେ । ଲେଖକ ପ୍ରଧାନ ପୁସ୍ତକ ସମ୍ପର୍କରେ ସୂଚନା ଦେଇଥିଲେ।

# ଇନ୍ଧନ ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ ସକ୍ଷମ

ମାଲକାନଗିରି,୨।୨(ଡି.ଏନ.ଏ.)

ମାଲକାନଗିରି ଜିଲା ସଦର ମହକୁମାଠାରେ ବିଭିନ୍ନ ତୈଳ ଓ ପ୍ରାକୃତିକ ଗ୍ୟାସ କମ୍ପାନୀ ପକ୍ଷରୁ ଇନ୍ଧନ ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ 'ସକ୍ଷମ' ରବିବାର ଉଦ୍‌ଘାଟିତ ହୋଇଛି । ଏହାକୁ ମାଲକାନଗିରି ବିଧାୟକ ଆଦିତ୍ୟ ମାଢି ମୁଖ୍ୟଅତିଥି ରୂପେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ମାଲକାନଗିରି ବସଷ୍ଟାଣ୍ଡଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମାଲକାନଗିରି ଆଦର୍ଶ ଥାନାର ଭାରପ୍ରାପ୍ତ ନିରୀକ୍ଷକ ରାମପ୍ରସାଦ ନାଗ, ଆଇଓସିଏଲର ଏସଡିପି ସ୍ଥିତପ୍ରଜ୍ଞା ଦାସ, ବିପିସିଏଲର ବିକ୍ରୟ ଅଧିକାରୀ ସୌମ୍ୟ ସୋରେନ ଯୋଗଦେଇ ପେଟ୍ରୋଲିୟମ ପଦାର୍ଥକୁ ଅପବ୍ୟବହାର ନ କରି ସଂରକ୍ଷଣ କରିବା ସର୍ବଦା ଆବଶ୍ୟକତା ରହିଛି । ଅଯଥା ଗାଡ଼ିକୁ ଷ୍ଟାଟ କରି ନ ରଖିବା, ସ୍ୱଳ୍ପ ଦୂରତାକୁ ଚାଲିଚାଲି ଯିବା ଦ୍ୱାରା ତୈଳ ସଂରକ୍ଷଣ ହୋଇପାରିବ । ଏହାଦ୍ୱାରା ଭବିଷ୍ୟତ ପାଇଁ ଇନ୍ଧନ ସଂରକ୍ଷଣ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ପରେ ଏକ ଶୋଭାଯାତ୍ରା ସ୍ଥାନୀୟ ବସଷ୍ଟାଣ୍ଡଠାରୁ ବାହାରି ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା । ଏଥିରେ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ ।



ଇନ୍ଧନ ସଂରକ୍ଷଣ ନେଇ ବାହାରିଥିବା ଶୋଭାଯାତ୍ରା ।

# ଦୋଳଯାତ୍ରା ପାଇଁ ପ୍ରସ୍ତୁତି

ପାରଳାଖେମୁଣ୍ଡି,୨।୨(ସ୍ୱ.ପ୍ର.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଦୋଳବନ୍ଧ ଉନ୍ନୟନ କମିଟି ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା ଦୋଳଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ କମିଟିର ସଭାପତି ବିନୋଦ ଚନ୍ଦ୍ର ଜେନା ସଭାପତିତ୍ୱ କରି ମାର୍ଚ୍ଚ ୫ରୁ ୧୦ ତାରିଖ ପର୍ଯ୍ୟନ୍ତ ୬ଦିନ ବ୍ୟାପୀ ପାରଳାଖେମୁଣ୍ଡିର ଏହି ପ୍ରସିଦ୍ଧ ଓ ପୁରାତନ ଦୋଳଯାତ୍ରା ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ । ବୈଠକରେ ପୂର୍ବବର୍ଷର ଆୟବ୍ୟୟ ହିସାବ କରାଯିବା ପରେ ଚଳିତ ବର୍ଷ ଦୋଳ ଉତ୍ସବରେ ୨ଲକ୍ଷ ୫୦ହଜାର ଟଙ୍କା ଖର୍ଚ୍ଚ ହେବ ବୋଲି ବ୍ୟୟ ଅଟକଳ କରାଯାଇଥିଲା । ଉତ୍ସବରେ ବିଭିନ୍ନ ଅସ୍ଥାୟୀ ଷ୍ଟଲମାନ ଖୋଲାଯିବ। ଦୋଳପୂର୍ଣ୍ଣମୀ ଦିନ ଠାକୁରଙ୍କ ମେଳଣ ଓ ଶେଷଦିନରେ ମଗାପୋଡ଼ି ହେବ। ପ୍ରତି ସନ୍ଧ୍ୟାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆକର୍ଷଣୀୟ ଢଙ୍ଗରେ ପ୍ରଦର୍ଶିତ ହେବ। ଅନ୍ୟମାନଙ୍କ ମଧ୍ୟରେ ହରିମୋହନ ପଟ୍ଟନାୟକ, ଦେବେନ୍ଦ୍ର ମିଶ୍ର, ମଙ୍ଗଳା ପଟ୍ଟନାୟକ, ମନମୋହନ ରାଜଗୁରୁ ଉପସ୍ଥିତ ଥିଲେ।




ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ ।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ଗୋଷାଣୀ/ପାରଳାଖେମୁଣ୍ଡି, ୨।୨(ଡି.ଏନ୍.ଏ./ସ୍ୱ.ପ୍ର.)

■ଥାନାରେ ଏତଲା ଦେଲେ ବାପଘର

■ସ୍ୱାମୀଙ୍କୁ ଅଟକ ରଖି ପଚରାଉଚରା

ଗଜପତି ଜିଲା ଗୋଷାଣୀ ବ୍ଲକ ନରହରିପୁର ଗ୍ରାମରେ ଶନିବାର ରାତିରେ ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଲେ ପାଡଲା ଡିଲେଶ୍ୱରୀ ରାଓ (୨୩)। ଆଠମାସ ତଳେ ସେ ନରହରିପୁର ଗ୍ରାମର ଆଲ୍ୟାନା ମୁରଲି ଫାଲଗୁନା ରାଓଙ୍କୁ ବିବାହ କରିଥିଲେ। କିନ୍ତୁ ଶନିବାର ରାତିରେ ତାଙ୍କ ଝୁଲନ୍ତା ମୃତଦେହ ଶାଶୁଘରୁ ଉଦ୍ଧାର ହୋଇଥିଲା। ଆନ୍ଧ୍ରପ୍ରଦେଶର ମିଳିୟାପୁଟି ଥାନା ସୁନ୍ଦରଡ଼ା ଗ୍ରାମର ପାଡାଲା ତ୍ରିନାଥ ରାଓଙ୍କ କନ୍ୟା ହେଉଛନ୍ତି ଡିଲେଶ୍ୱରୀ। ତ୍ରିନାଥ ପରିବାର ସହ ନରହରିପୁରରେ ପହଞ୍ଚିବା ପରେ ଝିଅର ମୃତ୍ୟୁକୁ ନେଇ ସନ୍ଦେହ କରିଥିଲେ। ପରେ ଏ ସମ୍ପର୍କରେ ଗୁରାଣ୍ଡି ଥାନାରେ ସେମାନେ ଏତଲା ଦେଇଥିଲେ। ଗୁରାଣ୍ଡି ଥାନା ପକ୍ଷରୁ ଏକ ଟିମ୍ ସେଠାରେ ପହଞ୍ଚିବା ପରେ ମାଜିଷ୍ଟ୍ରେଟ ଅଚ୍ୟୁତାନନ୍ଦ ଜାନୀ ଓ ପାରଳାଖେମୁଣ୍ଡି ଏସ୍‌ଡିପିଓ ପ୍ରକାଶ ଚନ୍ଦ୍ର ଜେନାଙ୍କ ଉପସ୍ଥିତିରେ ମହିଳାଙ୍କ ମୃତଦେହର ପଞ୍ଚନାମା କରାଯାଇଥିଲା । ପରେ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ଏ ସମ୍ପର୍କରେ ଗୁରାଣ୍ଡି ଥାନାରେ ଦଫା ୩୦୪ ବି, ୩୦୨, ଧାରା ୪୯୮ ଅନୁଯାୟୀ କେସ୍ ନଂ ୪/୨୦ରେ ମାମଲା ରୁଜୁ ହୋଇଛି। ଥାନା ଅଧିକାରୀ ମୁକେଶ ଲାକ୍ରା ଓ ଏସ୍‌ଆଇ ଜୟପ୍ରକାଶ ପଟ୍ଟନାୟକଙ୍କ ଉପସ୍ଥିତିରେ ମୃତକଙ୍କ ସ୍ୱାମୀଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଛି।

# ଚିତ୍ରାଙ୍କନ ସହ ଆଲୋଚନାଚକ୍ର



ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପିଲାମାନେ ।

ପାରଳାଖେମୁଣ୍ଡି,୨।୨(ସ୍ୱ.ପ୍ର.)

ପାରଳାଖେମୁଣ୍ଡି ରାଜଗୁରୁ ସାହିସ୍ଥିତ ପରିଚ୍ଛା ମଠରେ ବାଲ ମୁକୁନ୍ଦ କେନ୍ଦ୍ର ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଥମେ ଚିତ୍ରଶିଳ୍ପୀ ମୁରଲିଧର ପରିଚ୍ଛାଙ୍କ ଅଧ୍ୟକ୍ଷତାରେ ଶିଶୁମାନଙ୍କ ମଧ୍ୟରେ ଚିତ୍ରାଙ୍କନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପରବର୍ତ୍ତୀ କାର୍ଯ୍ୟକ୍ରମରେ ମା' ସରସ୍ୱତୀଙ୍କ ବିଷୟରେ ଏକ ଆଧ୍ୟାତ୍ମିକ ଆଲୋଚନା କରାଯାଇଥିଲା। ପରେ ସାପ୍ତାହିକ ଆଲୋଚନାଚକ୍ର ମଧ୍ୟ ହୋଇଥିଲା। ସ୍ୱାମୀ ମୁକୁନ୍ଦାନନ୍ଦଜୀଙ୍କ ଆଦେଶକୁ ପାଳନ କରି ଆଗକୁ ଯିବା ପାଇଁ କେନ୍ଦ୍ର ପକ୍ଷରୁ ନିଷ୍ପତ୍ତି ନିଆଯିବା ସହ ଶିଶୁଙ୍କୁ ତାହା ପରାମର୍ଶ ଦିଆଯାଇଥିଲା।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଯବାନ ଓ କିଷାନର ଜୟ୍ ହିଁ ଦେଶ ଓ ଜାତିର ଜୟ୍।
-ଲାଲ ବାହାଦୁର ଶାସ୍ତ୍ରୀ



## ସଂକ୍ଷେପରେ

### ବୃନ୍ଦାବନ ବ୍ଲକ ବିଜେଡି ସଭାପତି



କୁନ୍ଦୁରା,୨।୨(ଡି.ଏନ୍.ଏ.): କୋରାପୁଟ ଜିଲା କୁନ୍ଦୁରା ବ୍ଲକ ବିଜେଡି ସଭାପତି ପାଇଁ ପୁଣିଥରେ ବୃନ୍ଦାବନ ମଲ୍ଲିକଙ୍କୁ ମନୋନୀତ କରିଛନ୍ତି ଦଳର ସୁପ୍ରିମୋ। କୁନ୍ଦୁରା ବ୍ଲକ ୨୦୧୯ ସାଧାରଣ ନିର୍ବାଚନରେ କଂଗ୍ରେସ ହାତରୁ ଶାସନ ଛଡ଼ାଇ ଆଣିଥିଲା। ଏଥିପାଇଁ ବୃନ୍ଦାବନ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ, ପ୍ରଣବ ପ୍ରକାଶ ଦାଶ, ଜିଲା ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

### ବର୍ଷା ସାହିତ୍ୟ ସଂସଦର ପ୍ରସ୍ତୁତି ବୈଠକ

ଦାମନଯୋଡ଼ି,୨।୨(ଡି.ଏନ୍.ଏ.): ସ୍ଥାନୀୟ ବର୍ଷା ସାହିତ୍ୟ ସଂସଦର ବାର୍ଷିକ ସାରସ୍ୱତ ସମାରୋହ ଓ କବିତା ପାଠୋତ୍ସବ ମାର୍ଚ୍ଚ ୮ ତାରିଖ ରବିବାର ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଲେଖକ ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ତରୁଣକାନ୍ତି ମିଶ୍ର ଯୋଗଦେବେ ବୋଲି ଜଣାପଡ଼ିଛି। ସଂସଦର କାର୍ଯ୍ୟକାରୀ ସଭାପତି ଡକ୍ଟର ପ୍ରଦୀପ କୁମାର ପାଢ଼ଯୋଶୀଙ୍କ ସଭାପତିତ୍ୱରେ ନାଲ୍‌କୋ କମ୍ୟୁନିଟି ସେଣ୍ଟରରେ କାର୍ଯ୍ୟକାରୀ କମିଟିର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ସମ୍ପାଦକ ଶ୍ରୀଧର ପରିଡ଼ା, ଉପସଭାପତି ଡକ୍ଟର ସ୍ୱାତୀ ଚାଟାର୍ଜୀ, କାର୍ଯ୍ୟକାରୀ କମିଟିର ଡକ୍ଟର ଅଶୋକ ମହାନ୍ତି, ତ୍ରୈଲୋକ୍ୟନାଥ ସାହୁ, ଭାରତୀ ସାହୁ, ବସନ୍ତ କୁମାର ଦାଶ, କୁଳମଣି ଦାଶ, ଅକ୍ଷୟ କୁମାର ଜେନା ଉପସ୍ଥିତ ଥିଲେ। ଅବିଭକ୍ତ କୋରାପୁଟ ଜିଲାର କବି ଓ ସାହିତ୍ୟାନୁରାଗୀଙ୍କୁ ନେଇ ଏକ ବାର୍ଷିକ ସମାରୋହ ଆୟୋଜନ କରାଯିବ ବୋଲି ସମ୍ପାଦକ ଶ୍ରୀଧର ପରିଡ଼ା କହିଛନ୍ତି।

### ଶିରିଡିସାଇଙ୍କ ବାର୍ଷିକୋତ୍ସବ



ଦାମନଯୋଡ଼ି,୨।୨(ଡି.ଏନ୍.ଏ.): ନାଲ୍‌କୋ ଟାଉନଶିପସ୍ଥିତ ଶିରିଡିସାଇଙ୍କ ବିଗ୍ରହ ମନ୍ଦିର ପ୍ରତିଷ୍ଠାର ଦ୍ୱିତୀୟ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଛି। ଜାନୁୟାରୀ ୨୯ରୁ ଆରମ୍ଭ ହୋଇଥିବା ଏହି ଉତ୍ସବରେ ପ୍ରତ୍ୟହ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ଘୃତଯଜ୍ଞ ଅନୁଷ୍ଠିତ ହୋଇଥିଲା। ଶନିବାର ସନ୍ଧ୍ୟାରେ ଯଜ୍ଞର ପୂର୍ଣ୍ଣାହୂତି ଦିଆଯାଇଥିଲା। ରବିବାର ସନ୍ଧ୍ୟାରେ ଚଭାଡ଼ି ଯାତ୍ରା କରାଯାଇ ବାବାଙ୍କୁ ସୁଜ୍ଜିତ ରଥରେ ବସାଇ ବାଦ୍ୟ, ସଂକୀର୍ତ୍ତନ ମଧ୍ୟରେ ନଗର ପରିକ୍ରମା କରାଯାଇଥିଲା। ନିୟମିତ ପୂଜକ ଚନ୍ଦ୍ରଶେଖର ପଣ୍ଡା, ଅମିତ କୁମାର ଶତପଥୀ ପୂଜାକାର୍ଯ୍ୟ ସମ୍ପନ୍ନ କରିଥିଲେ। ପୂର୍ଣ୍ଣାହୂତି ସମୟରେ ନାଲ୍‌କୋ ଇଡି ରବିଶଙ୍କର ଦାସ ସସ୍ତ୍ରୀକ ଉପସ୍ଥିତ ଥିଲେ। ଦାମନଯୋଡ଼ି ଶିରିଡିସାଇ ପରିବାର ସଭାପତି ତଥା ନାଲ୍‌କୋ ମହାପ୍ରବନ୍ଧକ ସୁଶୀଲ କୁମାର ପାଢ଼ୀ, ଏଜିଏମ୍ ଶଶାଙ୍କ ଶେଖର ସାହୁ (କର୍ତ୍ତା), ସମ୍ପାଦକ ପି.ଏନ୍. ବାରିକ, କୋଷାଧ୍ୟକ୍ଷ ଶିଶିର ମିଶ୍ରଙ୍କ ସହ ପ୍ରଭାସ ଦାଶ, ଯତୀନ ମହାନ୍ତି, ହଳଧର ଲେଙ୍କା, ପ୍ରଭୁଚରଣ ସାହୁ, ମଧୁସୂଦନ ପଣ୍ଡା, ସି.ଡି. ଚୌଧୁରୀ, ମିହିର କୁମାର ଜେନା, ଅଶୋକ ବିଷୋୟୀ, ଦେବରାଜ ଓଝା, ଶୁଭ ପାତ୍ର, ମଞ୍ଜୁଲତା ନାୟକ, ମୀରା ବରାଇ, ଏସ୍.ଏସ୍. ସିୟା ଉପସ୍ଥିତ ଥିଲେ।

### ଉଦ୍ଧାର ଭାଲୁ ଶାବକ ମୃତ

ପାଟଣା, ୨।୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ରେଞ୍ଜ୍ ସାହାରପଡା ସେକ୍ସନ ଫୁଲପାହାଡ଼ି ଗ୍ରାମ୍ୟ ଜଙ୍ଗଲରୁ ଶନିବାର ପୂର୍ବାହ୍ନରେ ଏକ କ୍ଷତବିକ୍ଷତ ଭାଲୁ ଶାବକକୁ ବନ ବିଭାଗ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା ପରେ ଜଙ୍ଗଲରେ ଛାଡ଼ିଦେଇଥିଲା। ହେଲେ ବନ ବିଭାଗ ରବିବାର ସକାଳୁ ଦେଖିବାକୁ ପାଇଥିଲା ଯେ, ଭାଲୁ ଛୁଆଟିକୁ ତା ମା' ନେଇନାହିଁ ଆଉ ଭାଲୁଟି ଗୁରୁତର ରହିଛି। ବନ ବିଭାଗ ଭାଲୁ ଛୁଆଟିକୁ ପୁଣି ଆଣି ବଡ଼ବିଲ ପ୍ରାଥମିକ ଚିକିତ୍ସାଳୟରେ ଭର୍ତ୍ତି କରି ଚିକିତ୍ସା କରୁଥିବାବେଳେ ପୂର୍ବାହ୍ନରେ ତା'ର ମୃତ୍ୟୁ ଘଟିଛି। ଶାବକଟି ୨/୩ ମାସର ହେବ ବୋଲି ବନପାଳ ସୁକୁମାର ଜେନା କହିଛନ୍ତି। ଶାବକର ମୃତଦେହକୁ ପୋତି ଦିଆଯାଇଥିବା ରେଞ୍ଜର ପବିତ୍ର ମୋହନ ନାୟକ କହିଛନ୍ତି।

■ ଖାଦ୍ୟଦ୍ରବ୍ୟ ଦର, ପରିବହନ ଭଡ଼ାକୁ ବଢ଼ାଉଛି ଡିଜେଲ ଦର

# ଖାଇବା ମହଙ୍ଗା, ଚିନ୍ତାରେ ଖାଉଟି

ଜୟପୁର,୨।୨(ନି.ପ୍ର.)

ଫି' ଥର ବଢ଼ୁଛି ଖାଇବା ସାମଗ୍ରୀ ଦର। ଦରବୃଦ୍ଧିକୁ ରାଜ୍ୟ ଓ କେନ୍ଦ୍ର ସରକାର ରୋକିବାରେ ବିଫଳ ହୋଇଥିବା ବେଳେ ବଜାର ଦର ଖାଉଟିଙ୍କୁ ଅଣନିଃଶ୍ୱାସୀ କରିଛି। ଅନ୍ୟପଟେ ଡିଜେଲ ଦର ବୃଦ୍ଧି ସେମାନଙ୍କ ଉପରେ ବୋଝ ପାଲଟିଲାଣି। ରବିବାର ଡିଜେଲ ଦର ଲିଟର ପିଛା ୭୫ ଟଙ୍କା ଥିବାବେଳେ ପେଟ୍ରୋଲ ଦର ୭୫.୩୦ ଟଙ୍କା ରହିଛି। ଡିଜେଲ ଦର ବୃଦ୍ଧି ପାଇଁ ମାଲବାହୀ ଯାନବାହାନ ଅଘୋଷିତ ଭାବେ ଭଡ଼ା ବଢ଼ାଉଛନ୍ତି। କିନ୍ତୁ ଭଡ଼ା ବୃଦ୍ଧିର ବୋଝକୁ ପରୋକ୍ଷରେ ଖାଉଟିଙ୍କୁ ବହନ କରିବାକୁ ପଡୁଛି।

ବଜାରରେ ଖାଇବା ତେଲ ଲିଟର ପିଛା ୧ ଶହ ଟଙ୍କା ଥିବାବେଳେ, ଡାଲି କେଜି ୭୦ ଟଙ୍କା, ଚିନି କିଲୋ ୪୦ ଟଙ୍କା, ବିରି କିଲୋ ୭୦ ଟଙ୍କା ରହିଛି। ଅନେକ ଖାଦ୍ୟ ସାମଗ୍ରୀର ଦର ୨ ମାସ ମଧ୍ୟରେ ହ୍ରାସ ପାଇ ନ ଥିବା ଜଣାପଡ଼ିଛି। ବର୍ତ୍ତମାନ ଖାଇବା ତେଲ ଲିଟର ପିଛା ପ୍ରାୟ ୩୦ ଟଙ୍କା ବଢ଼ିଥିବା ବେଳେ ସୂର୍ଯ୍ୟମୁଖୀ ତେଲ ମଧ୍ୟ ଲିଟର ପିଛା ପ୍ରାୟ ୧୦ରୁ ୧୨ ଟଙ୍କା ବଢ଼ିଛି। ଏହାର ପ୍ରଭାବ ବଜାର ଉପରେ ପଡ଼ିବା ସହ ଖାଇବା ମହଙ୍ଗା ହୋଇଛି। ଜୟପୁର ସହର ସମେତ ଗ୍ରାମାଞ୍ଚଳର ଜଳଖିଆ ଦୋକାନରେ ୩୦ ଟଙ୍କାର ଖାଇଲେ ମଧ୍ୟ ପେଟ ପୂରୁନାହିଁ। ସେହିପରି ଫାଷ୍ଟଫୁଡ୍, ହୋଟେଲ ଓ ରେଷ୍ଟୁରାଣ୍ଟର ମିଲ୍ ଦର ମଧ୍ୟ ମହଙ୍ଗା ହୋଇଛି। ତେଲ, ଡାଲି ବ୍ୟତୀତ ମସଲାଜାତୀୟ ଦ୍ରବ୍ୟ ଦର ମଧ୍ୟ ଆକାଶଛୁଆଁ ହୋଇଛି। ଜୟପୁର ବ୍ୟବସାୟୀ ସନ୍ତୋଷ ମିଶ୍ରଙ୍କ କହିବାନୁଯାୟୀ ଖାଇବା ତେଲ ଦର ବୃଦ୍ଧି ଜାରି ରହିଛି। ବଜାରରେ ସର୍ବାଧିକ ବ୍ୟବହାର ହେଉଥିବା ପାମୋଲିନ ତେଲଦର ବୃଦ୍ଧି ପାଇ ସୋୟାବିନ ତେଲ ଦରର ନିକଟତର ହୋଇଛି। ସେହିପରି ଆଳୁ କିଲୋ ୪୦, ପିଆଜ ୫୦, ରସୁଣ ୧୨୦, ଅଦା ୬୦ ଟଙ୍କା ରହିଛି । ଡିଜେଲ ଦର ବଢ଼ିଲେ ପରିବହନ ଭଡ଼ା ବଢ଼ାଉଛନ୍ତି ମାଲବାହୀ ଯାନ। ଫଳରେ ବାହାରୁ ଆମଦାନି ହେଉଥିବା ମାଛ, ଅଣ୍ଡା ଦର ମଧ୍ୟ ବଢୁଛି। ଅଣ୍ଡା ଡଜନ ୭୦ରୁ ୭୫ ଟଙ୍କା ବିକ୍ରି ହେଉଥିବା ବେଳେ ମାଛ ଦର କିଲୋ ପ୍ରତି ୧୩୦ରୁ ୧୫୦ ଟଙ୍କାରେ ବିକ୍ରି ହେଉଛି। ଡିଜେଲ ଦର କମିଲେ ହିଁ ଭଡ଼ା ଓ ଖାଇବା ସାମଗ୍ରୀର ଦର ଖସିବା ଆଶା କରାଯାଉଛି।

## ଏସ୍‌ଓଜି ତାଲିମ କେନ୍ଦ୍ର ବୁଲିଲେ ଡିଜି



ପୋଲିସ ଡିଜି ଏସ୍‌ଓଜି ତାଲିମ କେନ୍ଦ୍ର ବୁଲି ଦେଖୁଛନ୍ତି।

କୋରାପୁଟ/ଜୟପୁର, ୨।୨(ସ୍ୱ.ପ୍ର./ଡି.ଏନ୍.ଏ.)

ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜି) ଅଭୟ ଦୁଇଦିନିଆ ମାଲକାନଗିରି ଓ କୋରାପୁଟ ଜିଲା ଗସ୍ତରେ ଆସି ରବିବାର କୋରାପୁଟସ୍ଥିତ ସ୍ପେଶାଲ ଅପରେଶନ ଗ୍ରୁପ୍ (ଏସ୍‌ଓଜି) ଯବାନଙ୍କ ତାଲିମ କେନ୍ଦ୍ର ପରିଦର୍ଶନ କରିଛନ୍ତି। ପୋଲିସ ମହାନିର୍ଦ୍ଦେଶକ ଅଭୟ ପୂର୍ବାହ୍ନରେ କେନ୍ଦ୍ର ଗସ୍ତ କରି ତାଲିମ ନେଉଥିବା ଯବାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ସେହିପରି ତାଲିମ କେନ୍ଦ୍ରର ଆନୁସଙ୍ଗିକ ବ୍ୟବସ୍ଥା ଓ ତାଲିମ ସମ୍ପର୍କରେ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ପଚାରି ବୁଝିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋଇନ୍ଦା ବିଭାଗ ସ୍ୱତନ୍ତ୍ର ଡିଜି ସତ୍ୟଜିତ ମହାନ୍ତି, ଏଡିଜି (ମୁଖ୍ୟାଳୟ) ବିନୟତୋଷ ମିଶ୍ର, ଗୋଇନ୍ଦା ଏଡିଜି ଆର୍.କେ. ଶର୍ମା, ଆଧୁନିକୀକରଣ ବିଭାଗ ଆଇଜି ରାଖୀ ଲୋହାନୀ, ଅପରେଶନ ଆଇଜି ଅମିତାଭ ଠାକୁର, ଦକ୍ଷିଣ ପଶ୍ଚିମାଞ୍ଚଳ ରେଞ୍ଜ ଦାୟିତ୍ୱରେ ଥିବା ଡିଆଇଜି ଅନିରୁଦ୍ଧ ସିଂ ଉପସ୍ଥିତ ଥିଲେ। ସମସ୍ତଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ ହୋଇଥିବା କୋରାପୁଟ ଏସ୍‌ପି ମୁକେଶ କୁମାର ଭାମୋ ସୂଚନା ଦେଇଛନ୍ତି । ପୋଲିସ ଡିଜି ଅଭୟ ଓ ଅନ୍ୟ ଅଧିକାରୀ ଗତ ଶନିବାର ମାଲକାନଗିରି ଜିଲା ସ୍ୱାଭିମାନ ଅଞ୍ଚଳ ଗସ୍ତ କରି ହେଲିକପ୍ଟର ଯୋଗେ କୋରାପୁଟ ଫେରିଥିଲେ।

## ମାଟ୍ରିକ ବ୍ୟାଚ୍ ବନ୍ଧୁ ମିଳନ

ଜୟପୁର,୨।୨(ଡି.ଏନ୍.ଏ.):

କୋରାପୁଟ ଜିଲା ଜୟପୁର ସହରର ତିନୋଟି ଉଚ୍ଚ ବିଦ୍ୟାଳୟର ୧୯୮୭ ମସିହା ମାଟ୍ରିକ ବ୍ୟାଚ୍ ବନ୍ଧୁମାନେ ତୃତୀୟ ବର୍ଷ ପୁଣି ରବିବାର ଜୟପୁର ବ୍ଲକର ପଣସପୁଟ ବାଗ୍ରା ଗ୍ରାମର ଆମ୍ବତୋଟାରେ ଏକାଠି ହୋଇଛନ୍ତି। ପ୍ରତ୍ୟେକ ବର୍ଷ ଫେବୃୟାରୀ ମାସର କୌଣସି ରବିବାର ମିଳିତ ହେବା ପାଇଁ ସେମାନେ ନିଷ୍ପତ୍ତି ନେଇଛନ୍ତି। ଭୁବନେଶ୍ୱର, କଟକ ସମେତ ବାହାର ରାଜ୍ୟରେ ରହୁଥିବା ସରକାରୀ ଉଚ୍ଚ ବିଦ୍ୟାଳୟ, ଜେସିଏନ୍ ପୌର ସରକାରୀ ଉଚ୍ଚ ବିଦ୍ୟାଳୟ, ଚନ୍ଦନବାଡ଼ ପୌର ଉଚ୍ଚ ବିଦ୍ୟାଳୟର ପୂର୍ବତନ ଛାତ୍ରମାନେ ଏଠାରେ ମିଳିତ ହୋଇଥିଲେ। ଏଥିରେ ସ୍ଥାନୀୟ ଓ ବାହାରୁ ଆସିଥିବା ୮୦ ଜଣ ଛାତ୍ର ଉପସ୍ଥିତ ଥିଲେ।

## ଜାଲରୁ ଉଦ୍ଧାର ହେଲା ବଉଳା କୁମ୍ଭୀର

ବାହାନଗା, ୨।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ରୂପଖଣ୍ଡ ଗ୍ରାମର ମତ୍ସ୍ୟଜୀବୀମାନେ ସମୁଦ୍ରରେ ଜାଲ ବିଛାଇ ମାଛ ଧରୁଥିବା ବେଳେ ଏକ ବଉଳା କୁମ୍ଭୀର ଉଦ୍ଧାର ହୋଇଛି। ବାଲେଶ୍ୱର ଜିଲା ବନବିଭାଗ ଅଫିସର ବିଶ୍ୱରାଜ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟଗାର୍ଡ ଶ୍ରାବନ୍ତି ମାରାର୍ଣ୍ଡି, ପ୍ରୋଟେକ୍ସନ୍ ଟିମ୍‌ର ଫରେଷ୍ଟଗାର୍ଡ ପ୍ରଦୀପ ରାଉତ, କୌଳାସ ରାଉତ ପ୍ରମୁଖ ପହଞ୍ଚି କୁମ୍ଭୀରକୁ ଉଦ୍ଧାର କରିବା ସହ ଚିକିତ୍ସା ପାଇଁ ବାଲେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟକୁ ପଠାଇଛନ୍ତି । ମତ୍ସ୍ୟଜୀବୀମାନେ ମାଛ ଧରୁଥିବା ବେଳେ କୁମ୍ଭୀର ଜାଲରେ ଲାଗିଯାଇଥିଲା। ତେବେ ଜାଲ ଉଠାଇବା ବେଳେ ଓଜନ ଲାଗିବାରୁ ଗୋଟେ ବଡମାଛ ଲାଗିଛି ଭାବି ୬ରୁ ୭ ଜଣ ମିଳିତ ଭାବେ ଜାଲକୁ ଧୀରେ ଧୀରେ ଟାଣି ଦିନ ୧୧ଟାରେ କୂଳକୁ ଆଣିଥିଲେ। ଏହି ଘଟଣା ପ୍ରଚାର ହେବା ପରେ ତାହାକୁ ଦେଖିବା ପାଇଁ ରୂପଖଣ୍ଡ ଗ୍ରାମର ଶହ ଶହ ମହିଳା, ପୁରୁଷ ଓ ଆଖପାଖ ଗ୍ରାମର ଲୋକମାନେ ରୁଣ୍ଡ ହୋଇଥିଲେ। ରୂପଖଣ୍ଡ ଗ୍ରାମର ଶ୍ୟାମସୁନ୍ଦର ପ୍ରଧାନ, ଦେବେନ୍ଦ୍ର ମହାଲିକ, ଶୁକୁରା ମାଝି, ରମେଶ ମାଝି, ହରିହର ମାଝି ଓ ସଦାନନ୍ଦ ନାୟକ ପ୍ରମୁଖ ଗ୍ରାମବାସୀ ବନବିଭାଗକୁ ଖବର ଦେଇଥିଲେ। ଖବରପାଇ କର୍ମଚାରୀମାନେ ପହଞ୍ଚି କୁମ୍ଭୀରର ଲମ୍ବ ମାପିଥିଲେ । କୁମ୍ଭୀରର ଲମ୍ବ ୬ ଫୁଟ ଓ ଓଜନ ୨୦ରୁ ୨୨ କିଲୋ ଅଟେ ।

## ରାଜଯୋଗିନୀ ବ୍ରହ୍ମାକୁମାରୀଙ୍କ ସ୍ୱର୍ଣ୍ଣିମ ଜୟନ୍ତୀ

ସେମିଳିଗୁଡ଼ା,୨।୨(ସ୍ୱ.ପ୍ର.)




ସ୍ୱର୍ଣ୍ଣିମ ଜୟନ୍ତୀରେ ସମ୍ବର୍ଦ୍ଧନା ଦିଆଯାଉଛି।

ସେମିଳିଗୁଡ଼ାସ୍ଥିତ ଦିବ୍ୟଜ୍ଞାନ ରତ୍ନ ଭବନରେ ରବିବାର ରାଜଯୋଗିନୀ ବ୍ରହ୍ମାକୁମାରୀ ନିଲମ ଦିଦି ଜୀଙ୍କ ନିଜ ଜୀବନର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଈଶ୍ୱରୀୟ ସେବା କାର୍ଯ୍ୟରେ ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ବ୍ରହ୍ମାକୁମାରୀ ପକ୍ଷରୁ ପଦଯାତ୍ରା ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପଟ୍ଟାଙ୍ଗୀ ବିଧାୟକ ପିତମ ପାଢ଼ୀ ଯୋଗଦେଇ କହିଥିଲେ, ନିଃସ୍ୱାର୍ଥପର ସେବା ମନୋବୃତ୍ତି ରଖି କାର୍ଯ୍ୟ କଲେ ଈଶ୍ୱରୀୟ ଶକ୍ତି ପ୍ରାପ୍ତି ହେବା ସହ ଦିବ୍ୟଜ୍ଞାନ ଦ୍ୱାରା ସମାଜରେ ଶାନ୍ତି ଓ ଉନ୍ନତି ସମ୍ଭବ ହୋଇପାରିବ। ସମ୍ମାନିତ ଅତିଥି ଭାବେ ପୌରପରିଷଦ ଅଧ୍ୟକ୍ଷା ଶୁଭଶ୍ରୀ ମଲ୍ଲିକ, ସୁନାବେଡ଼ା ଏସ୍‌ଡିପିଓ ନିରଞ୍ଜନ ବେହେରା ଓ ବରିଷ୍ଠ ବ୍ରହ୍ମାକୁମାରୀ ଯୋଗଦେଇ ନିଲମ ଦିଦିଙ୍କ ସେବାକାର୍ଯ୍ୟର ପ୍ରଶଂସା କରିଥିଲେ। ଏଥିରେ ରାଜଯୋଗିନୀ ନିଲମ ଦିଦିଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଅତିଥିଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭରେ ବିକେ ସାବିତ୍ରୀ ଦିଦି ସ୍ୱାଗତ ଭାଷଣ ଓ ଶେଷରେ ବିକେ ସଞ୍ଜୁ ଦିଦି ଧନ୍ୟବାଦ ଦେଇଥିଲେ।

## କବିତା ବହି 'ଈଶ୍ୱର ଅନ୍ୟମନସ୍କ' ଉନ୍ମୋଚିତ



ଅତିଥିମାନେ କବିତା ପୁସ୍ତକ ଉନ୍ମୋଚନ କରୁଛନ୍ତି।

ବୈପାରୀଗୁଡ଼ା,୨।୨(ଡି.ଏନ୍.ଏ.)

କବି ଚକ୍ରପାଣି ପରିଚ୍ଛାଙ୍କ କବିତା ସଂକଳନ 'ଈଶ୍ୱର ଅନ୍ୟମନସ୍କ' ରବିବାର ଉନ୍ମୋଚିତ ହୋଇଛି। ସ୍ଥାନୀୟ ସରକାରୀ ହାଇସ୍କୁଲରେ ଆୟୋଜିତ ସାରସ୍ୱତ ସଭାରେ ସାହିତ୍ୟିକ ଉମାକାନ୍ତ ଦାଶ, ଗାଳ୍ପିକ ପ୍ରଫେସର ନାରାୟଣ ପଣ୍ଡା ଓ ଗବେଷକ ଡ. ରାଜେନ୍ଦ୍ର ପାଢ଼ୀ ଯୋଗ ଦେଇଥିଲେ। ସଭା ପ୍ରାରମ୍ଭରେ ମହାନ ବିପ୍ଳବୀ କବି ରବି ସିଂଙ୍କ ବିୟୋଗରେ ନିରବ ପ୍ରାର୍ଥନା କରାଯାଇଥିଲା। ଆଲୋଚକ ପ୍ରଫେସର ନାରାୟଣ ପଣ୍ଡା କବିତାରେ ରୂପକ, ଚିତ୍ରକଳ୍ପ ତଥା ମିଥ୍‌ର ପ୍ରୟୋଗକୁ ନେଇ ବିଶ୍ଳେଷଣ କରିଥିଲେ। ଉମାକାନ୍ତ ଦାଶ କବିତାରେ ଈଶ୍ୱରଙ୍କ ଉପସ୍ଥିତି ଓ କବିତା ସହ ଜୀବନର ସଂପର୍କ ଆଲୋଚନା କରିଥିଲେ। ସଭାପତି ଡ. ପାଢ଼ୀ କବିତାରେ ପରମ୍ପରା କିପରି ପ୍ରାଚୀନ ସାହିତ୍ୟରୁ ଆଧୁନିକ ସାହିତ୍ୟଯାଏ ଅଙ୍ଗାଙ୍ଗୀ ଭାବେ ଜଡ଼ିତ, ତାହା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ଅନିଲ ଚନ୍ଦ୍ର ଦାଶ, ଲକ୍ଷ୍ମୀକାନ୍ତ ପାଢ଼ୀ, ଉଦୟ ଶଙ୍କର ଜାନୀ ଆଲୋଚନାରେ ଭାଗ ନେଇଥିଲେ। ଅଧ୍ୟାପକ ପ୍ରତାପ ଚନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା ଓ ଏଥିରେ ପ୍ରେମେନ୍ଦ୍ର ପରିଚ୍ଛା ସହଯୋଗ କରିଥିଲେ।

## ସ୍ୱାସ୍ଥ୍ୟ ବିଭାଗ ଦେଲା ସହାୟତା ରାଶି

ଦଶମନ୍ତପୁର,୨।୨(ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତରେ ଥିବା ଡୁରକାଗୁଡ଼ା ଗ୍ରାମରେ ଗଳା ଟ୍ୟୁମର ରୋଗୀଙ୍କୁ ସ୍ୱାସ୍ଥ୍ୟ ବିଭାଗ ଆର୍ଥିକ ସହାୟତା ଦେଇଛି। ଗ୍ରାମର ଶଇତ ମିଣିଆକାଙ୍କ ଗଳାରେ ମାଂସ ପିଣ୍ଡୁଳା ବଢ଼ି ସେ ଯନ୍ତ୍ରଣା ଭୋଗୁଥିଲେ। ଅନେକ ଥର ଦଶମନ୍ତପୁର ଓ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଯାଉଥିଲେ ମଧ୍ୟ କୌଣସି ଫଳ ମିଳୁ ନ ଥିଲା। ଏନେଇ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇଥିଲା। ଖବରକୁ କେନ୍ଦ୍ରକରି ସାମାଜିକ କର୍ମୀ ଦିବସ କୁମାର ସାହୁ ଟୁଇଟ୍ କରି ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଫଳରେ ଦଶମନ୍ତପୁର ବ୍ଲକ ଆର୍‌ବିଏସ୍‌କେ ୟୁନିଟ-୧ ଟିମ୍ ଡୁରକାଗୁଡ଼ା ଯାଇ ମାଗଣା ଚିକିତ୍ସା ସହ ଶଇତଙ୍କୁ ସହାୟତା ଦେଇଥିଲେ। ତାଙ୍କୁ ୧୦ ହଜାର ଟଙ୍କାର ସହାୟତା ରାଶି ଦିଆଯାଇଛି।

## ୪ ଅବସରପ୍ରାପ୍ତ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା



ବିଦାୟ ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ଅତିଥିମାନେ।

ବୈପାରୀଗୁଡ଼ା,୨।୨(ଡି.ଏନ୍.ଏ.)

ବୈପାରୀଗୁଡ଼ା ବ୍ଲକ ଦୋରାଗୁଡ଼ା କ୍ଲଷ୍ଟର ପକ୍ଷରୁ ରବିବାର ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ସହ ୪ ଅବସରପ୍ରାପ୍ତ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଶରତ ଚନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ସୁଧୀର ଚନ୍ଦ୍ର ରଥ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଲାଲ ମୋହନ ମିଶ୍ର, ଜଗନ୍ନାଥ ଦାସ, ମକରଧ୍ୱଜ ହରିଜନ ଓ ତ୍ରିନାଥ ପୂଜାରୀ ଉପସ୍ଥିତ ଥିଲେ। ଗୋଷ୍ଠୀ ସାଧନ ସଂଯୋଜକ ଦେବୀପ୍ରସାଦ ମହାନ୍ତି ବିଦାୟୀ ଶିକ୍ଷକମାନେ ଚାକିରି କାଳରେ ଉତ୍ତମ ସେବା ଦେଇଥିବା ନେଇ ପ୍ରଶଂସା କରିଥିଲେ। ମୁଖ୍ୟ ଅତିଥି ସେମାନଙ୍କୁ ଉପଢୌକନ ଓ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ। ଉକ୍ତ କ୍ଲଷ୍ଟରର ୧୮ଟି ବିଦ୍ୟାଳୟର ପ୍ରାୟ ୪୦ ଜଣ ଶିକ୍ଷକ ଯୋଗ ଦେଇଥିଲେ।

## ମାରଣାସ୍ତ୍ର ଦେଖାଇ ୭୦ ହଜାର ଲୁଟ୍

ବଡ଼ସାହି,୨।୨(ସ୍ୱ.ପ୍ର.)

ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ବଡ଼ସାହି-ମାଣତ୍ରୀ ରାସ୍ତାର ଅଙ୍ଗାରୀ ନିକଟରେ ଶନିବାର ବିଳମ୍ବିତ ରାତିରେ ଦୁଇଜଣ ଦୁର୍ବୃତ୍ତ ମାରଣାସ୍ତ୍ର ଦେଖାଇ ୭୦ ହଜାର ଟଙ୍କା ଲୁଟି ନେଇଛନ୍ତି। ବଡ଼ସାହି ଥାନା ଅଧୀନ ଖଳିତକ ଗ୍ରାମର ମନୋଜ ପାଣିଗ୍ରାହୀଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ.୧୭/୨୦) ରୁଜୁ କରି ତଦନ୍ତ ଚଳାଇଛି। ତଦନ୍ତ ପରେ ପ୍ରକୃତ ରହସ୍ୟ ଉନ୍ମୋଚିତ ହେବ ବୋଲି ଆଇଆଇସି ଜୟନ୍ତ ବେହେରା ସୂଚନା ଦେଇଛନ୍ତି।

## ଶିକ୍ଷୟିତ୍ରୀଙ୍କୁ ଅବସର ସମ୍ବର୍ଦ୍ଧନା

ସୁନାବେଡ଼ା,୨।୨

ସୁନାବେଡ଼ା ସହରାଞ୍ଚଳସ୍ଥିତ ଭିଏସ୍ ବିଦ୍ୟାଳୟ ହିନ୍ଦୀ ବିଭାଗର ବରିଷ୍ଠ ଶିକ୍ଷୟିତ୍ରୀ ଆଶା ପାଣ୍ଡେଙ୍କୁ ଅବସର ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ହେମନ୍ତ ସେଠ ଶିକ୍ଷୟିତ୍ରୀ ଆଶା ପାଣ୍ଡେଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟର ହିନ୍ଦୀ ବିଭାଗ ଶିକ୍ଷକ ସୁଧୀର ପ୍ରସାଦ ମାଲାକାର, ଶିକ୍ଷୟିତ୍ରୀ ମିନା କୁମାରୀ, ସୀମା ରାୟ ପ୍ରମୁଖ ଶିକ୍ଷୟିତ୍ରୀ ପାଣ୍ଡେଙ୍କ ବିଭିନ୍ନ ପ୍ରତିଭା, ସହକର୍ମୀଙ୍କ ସହ ତାଙ୍କର ଉତ୍ତମ ସମ୍ପର୍କ ସମ୍ବନ୍ଧରେ ଅନୁଭୂତି ରଖିଥିଲେ। ଶିକ୍ଷୟିତ୍ରୀ ପ୍ରୀତି ରାଠୋର କାର୍ଯ୍ୟକ୍ରମ ସଂଯୋଜନା ଓ ପି.କେ. ମିଶ୍ର ଧନ୍ୟବାଦ ଦେଇଥିଲେ। ବାବାଜୀ ଚରଣ ଦଳାଇ ଓ ଡ. ଚନ୍ଦ୍ରଶେଖର ମହାପାତ୍ର ଶିକ୍ଷୟିତ୍ରୀଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ।



ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

## ଯକ୍ଷ୍ମାରୋଗ ନିରାକରଣ ତାଲିମ, ସଚେତନତା

ଦାମନଯୋଡ଼ି,୨।୨(ଡି.ଏନ୍.ଏ.)




ଯକ୍ଷ୍ମା ରୋଗ ନିରାକରଣ ପାଇଁ ବାହାରିଥିବା ପ୍ରଚାର ରଥକୁ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି ଅତିଥି।

କୋରାପୁଟ ବ୍ଲକ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଯକ୍ଷ୍ମାରୋଗ ଚିହ୍ନଟ ପାଇଁ ଏକ ସଚେତନତା ଓ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପୂର୍ବରୁ ଯକ୍ଷ୍ମାରୋଗ ଚିହ୍ନଟ ହୋଇଥିବା ବିଭିନ୍ନ ଗ୍ରାମରେ ନୂଆରୋଗୀଙ୍କୁ ଚିହ୍ନଟ ପାଇଁ ଆଶାକର୍ମୀଙ୍କୁ ତାଲିମ ଦିଆଯାଇଥିଲା। ସେମାନେ ଘରଘର ବୁଲି ୨ ସପ୍ତାହରୁ ଅଧିକ କାଶ ହେଉଥିବା ବ୍ୟକ୍ତି, କାଶରେ ରକ୍ତ ପଡୁଥିବା, ରାତିରେ ଜ୍ୱର ହେଉଥିବା, ଓଜନ ହ୍ରାସ ହେଉଥିବା ଲକ୍ଷଣ ଦେଖିଲେ ରୋଗୀଙ୍କ କଫ ପରୀକ୍ଷା ପାଇଁ ପଠାଇବାକୁ ପରାମର୍ଶ ଦିଆଯାଇଛି। ସେହିପରି ଜନସାଧାରଣଙ୍କୁ ସଚେତନ ପାଇଁ ଏକ ପ୍ରଚାର ରଥକୁ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସୋହନ ନାୟକ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। କୋରାପୁଟରୁ ଏସ୍‌ଟିଏସ୍ ବିଭୁରଞ୍ଜନ ପଣ୍ଡା ଓ ଏସ୍‌ଟିଏଲ୍‌ଏସ୍ ଅସିତ କୁମାର ନନ୍ଦ ଏହି ତାଲିମ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବିପିଏମ୍ ନୂତନ ସିଂ, ଭାରପ୍ରାପ୍ତ ପିଏଚ୍‌ଇଓ ମକର ଜାନି, ସୁପରଭାଇଜର ରାଧିକା ସୋରେନ, ଏଲ୍‌ଟି ସୁକେତ ବିଷୋୟୀଙ୍କ ସହ ସ୍ୱାସ୍ଥ୍ୟକର୍ମୀ ଓ ସୁପରଭାଇଜର ଉପସ୍ଥିତ ଥିଲେ।

